# କୂଅରୁ ଦୁଇ ମୃତ ବାରହା ଉଦ୍ଧାର



ତୁରୁମୁଙ୍ଗା/ଚମ୍ପୁଆ, ୧୬।୨(ସମିସ): ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡ଼ି ଦୁଇ ଜଙ୍ଗଲୀ ବାରହାଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ୍ ବାଉଟିଆପଦା ଗ୍ରାମର ରଣଜିତ ବେହେରାଙ୍କ କୂଅ ଭିତରୁ ସୋମବାର ସକାଳୁ ଦୁଇଟି ବାରହାଙ୍କ ମୃତଦେହ ବନ ବିଭାଗ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ରବିବାର ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ବାରହା କୂଅ ଭିତରେ ପଡ଼ି ଯାଇଥିଲେ। କୂଅ ଭିତରେ ବାରହାଙ୍କ ମୃତଦେହ ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବନରକ୍ଷୀ ସାଗରିକା ବେଜ୍‌ଙ୍କ ସହ ପାରା ଷ୍ଟାଫ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବିଟ୍ କାର୍ଯ୍ୟାଳୟକୁ ନେଇ ସେଠାରେ ପଶୁ ଡାକ୍ତର ପ୍ରକାଶ କୁମାର ଘଡେଇଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ବିଟ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ଏକ ବର୍ଷର ଏକ ଛୁଆ ମାଈ ବାରହା ଥିବା ବେଳେ ୨ ବର୍ଷର ପୁରୁଷ ବାରହା ଥିବା ବନ ବିଭାଗ କହିଛି। ଜ୍ୟୋତିପୁର ବିଟ୍ ଅଞ୍ଚଳରେ ଜଙ୍ଗଲୀ ବାରହାଙ୍କ ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ଅନେକ ଚାଷ ନଷ୍ଟ କରୁଥିବା ଅଭିଯୋଗ ହୋଇଛି।

# ଟ୍ରାକ୍ଟର ଓଲଟି ଦୁଇ ଶ୍ରମିକ ଗୁରୁତର



ଆନନ୍ଦପୁର, ୧୬।୨ (ସମିସ): ଆନନ୍ଦପୁର ଥାନା କଣ୍ଟିପାଳ ଡଗର ଛକ ନିକଟରେ ଇଟା ବୋଝେଇ ଟ୍ରାକ୍ଟର ଓଲଟି ଦୁଇ ଜଣ ଗୁରୁତର ହୋଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ସକାଳୁ ବିରିଡିହା ଗ୍ରାମର ଇଟାଭାଟିରୁ ଇଟା ବୋଝେଇ ହୋଇ ଟ୍ରାକ୍ଟର ଯୋଗେ କାଠକଟା ଯାଉଥିବା ବେଳେ କଣ୍ଟିପାଳ ଡଗର ଛକ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଦୁଇଜଣ ଶ୍ରମିକ ଗୁରୁତର ହୋଇଥିଲେ। ଗାଡ଼ିରେ ୬ ଜଣ ଶ୍ରମିକ ଥିବା ବେଳେ ସେମାନଙ୍କ ଘର କଣ୍ଟିପାଳ ପଞ୍ଚାୟତ ବରୁଆଁ ମୁଣ୍ଡାସାହି ଗ୍ରାମର ବୋଲି ଜଣାପଡିଛି।

## ମଣ୍ଡି ଅଚଳାବସ୍ଥାକୁ ଧାନକିଣା ବ୍ୟାହତ

# ଖୋଲାମେଲାରେ ପଡ଼ିଛି ଧାନ; ଚାଷୀ ହୀନସ୍ତା



ତେଲକୋଇ, ୧୬।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ସମବାୟ ସମିତିରେ ଧାନ କିଣା ବନ୍ଦ ହୋଇଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଲର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଭିତିରି ବୁଝାମଣାର ଅଙ୍କ ଛିଣ୍ଡୁ ନଥିବାରୁ ମିଲର୍ ଧାନ ଉଠାଉ ନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଚୁକ୍ତି ହୋଇଥିବା ମିଲରଙ୍କୁ କୁଇଣ୍ଟାଲ ପ୍ରତି ୫ କେଜି କଟନି ଛଟନି ପାଇଁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। ଫଳରେ ଧାନକିଣାରେ କେଁ ଉପୁଜିଥିବା କୁହାଯାଉଛି। ଏଭଳି ପରିସ୍ଥିତିରେ ହଜାର ହଜାର ବସ୍ତା ଧାନ ଖୋଲାମେଲାରେ ଅବିକ୍ରି ହୋଇ ପଡ଼ିଛି ଏବଂ ଚାଷୀ ସମୂହ ନିଜ କଷ୍ଟୋପାର୍ଜିତ ଶସ୍ୟର ବିକ୍ରି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ବାହାସ୍ଫୋଟ ସତ୍ତ୍ୱେ କେନ୍ଦୁଝର ଜିଲ୍ଲାରେ ମଣ୍ଡି ଭିତ୍ତିଭୂମି ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ହୋଇ ରହିଛି; ଯା'ଫଳରେ ଖରିଫ ଧାନ ବିକ୍ରିରେ ଘୋର ଅଚଳାବସ୍ଥା ଦେଖାଦେଉଛି।

ପ୍ରକାଶ ଥାଉକି, ତେଲକୋଇ ସମବାୟ ସମିତି ଅଧୀନରେ ଚଳିତ ବର୍ଷ ସମୁଦାୟ ୧୧୦୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬୯୩ ଜଣ ଚାଷୀ ନିଜର ଧାନ ମଣ୍ଡିରେ ବିକ୍ରି କରିଛନ୍ତି। ସେମାନଙ୍କଠାରୁ ୨୮ ହଜାର ୭ ଶହ ୯୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଆହୁରି ୪୧୦ ଜଣ ଚାଷୀ ଧାନ ବିକ୍ରି କରି ପାରି ନାହାନ୍ତି। ଧାନ କ୍ରୟ ପ୍ରକ୍ରିୟା ଯଦି ବାଧାପ୍ରାପ୍ତ ହୁଏ ବହୁ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବା ସହିତ ଆଉ କେତେକଙ୍କ ଟୋକନ୍ ଲାପ୍ସ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ଆଜି ଧାନ କ୍ରୟ ପାଇଁ ସମବାୟ ପକ୍ଷରୁ ଚାଷୀ ଙ୍କୁ ଡକା ଯାଇଥିବା ବେଳେ ମିଲର ଗାଡ଼ି ନପାଠାଇବାରୁ ସମିତି ଧାନ କ୍ରୟ କରି ପାରି ନଥିଲା। ଫଳରେ ପାଖାପାଖି ୩୦ ଜଣ ଚାଷୀ ସକାଳୁ ସକାଳୁ ମଣ୍ଡିକୁ ଧାନ ଆଣି ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଦୂରଦୁରାନ୍ତରୁ ଆସିଥିବା ଚାଷୀ ବହୁ ହୀନସ୍ତା ହେଉଛନ୍ତି। ମିଲର ମାଲିକଙ୍କ ମନ୍‌ମାନି ଯୋଗୁଁ ଚାଷୀ ବହୁ ମାତ୍ରାରେ ଦହଗଞ୍ଜ ହେଉଛନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଏ ସଂକ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ପଚାରିବାରୁ ମିଲଗୁଡିକରେ କ୍ରୟ ହୋଇଥିବା ଧାନ ସବୁ ଜାମ ହୋଇ ରହିଥିବାରୁ ମିଲର ଗାଡ଼ି ପଠାଇବାରେ ଅସୁବିଧା ହେଉଛି। ଖୁବ୍ ଶୀଘ୍ର ଧାନ କିଣା ପ୍ରକ୍ରିୟା ଚାଲୁ ହେବ ବୋଲି କହିଛନ୍ତି। ଅନ୍ୟପଟେ ୫ କେଜି ଧାନ କଟନି ଛଟନି ଅଭିଯୋଗକୁ ଖଣ୍ଡନ କରାଯାଇଛି।

# ମହୁଲି ମଦ ଜବତ, ୨ ଗିରଫ




ହାଟଡ଼ିହୀ,୧୬।୨(ସମିସ): ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ହାଟଡ଼ିହୀ ଅବକାରୀ ଥାନା ସମସ୍ତ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ସୋସୋ ଓ ନନ୍ଦିପଦା ଥାନା ଅନ୍ତର୍ଗତ ବିଦ୍ୟାଧରପୁର, ଚୋରଗଡ଼ିଆ, କଠକଟା, ହାଟଡ଼ିହୀ, ପୁରୁଣାପାଣି ଅଞ୍ଚଳରେ ଚଢ଼ଉ କରିଥିଲେ। ସେସବୁ ସ୍ଥାନରୁ ୧୬୨ଲିଟର ଦେଶୀ ମହୁଲିମଦ ଓ ୨୭୦୦ ଲିଟର ମହୁଲ ପୋଚ ଜବତ କରିବା ସହିତ ୭.୮୦୦ ଲିଟର ବିୟର ଓ ୩.୨୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତ ଦଧିବାମନପୁର ଗ୍ରାମର ପୂଜା ଜେନା, ବିଦ୍ୟାଧରପୁର ଗ୍ରାମର ଗୋପୀନାଥ ବେହେରାଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚ, ବିଦେଶୀ ମଦର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ପିଇଓଙ୍କ ମନମୁଖୀ ଅଭିଯୋଗକଲେ ସୋରାସକେଲା ଗ୍ରାମବାସୀ



ତୁରୁମୁଙ୍ଗା, ୧୬।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସୋରାସକେଲା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ସହ ଦୁର୍ନୀତି କରୁଥିବା ଅଭିଯୋଗ ଆଣି ସୋମବାର ସୋରାସକେଲା ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ସହ ଦୁର୍ନୀତିକୁ ପ୍ରଶ୍ରୟ ନଦେବାକୁ ଅଭିଯୋଗ କରିଛନ୍ତି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମହାନ୍ତ ଆକ୍ୱାଗାର୍ଡ କିଣାରେ ଦୁର୍ନୀତି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୁରୁଣା ଆକ୍ୱାଗାର୍ଡକୁ ନୁଆ ଆକ୍ୱାଗାର୍ଡ ଦର୍ଶାଇ ବିଲ କରିବା ସହ ଖେଳ ସାମଗ୍ରୀରେ ମିଥ୍ୟା ବିଲ, ୨୦୨୫ରେ ଜଳଛତ୍ରରେ ଦୁର୍ନୀତି, ଚେୟାର କିଣାରେ ଦୁର୍ନୀତି କରିଥିବା ଅଭିଯୋଗ ଆଣିଛନ୍ତି। ଏଥିସହ ମନରେଗା କାର୍ଯ୍ୟରେ ଗାଁ ସାଥୀଙ୍କୁ ଉପେକ୍ଷା କରିବା ସହ ସରକାରୀ କର୍ମଚାରୀ ହୋଇ ପଞ୍ଚାୟତରେ ରାଜନୀତି କରୁଥିବା ନେଇ ଗ୍ରାମର ଭାବଗ୍ରାହୀ ନାଏକ, କୁଶଧର ମହାନ୍ତ, ଦୁବରାଜ ମହାନ୍ତ, ସଦାନନ୍ଦ ମହାକୁଡ଼, ବିମଳ ମହାନ୍ତ, ଚିତ୍ରସେନ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ, ବେଣୁଧର ମହାନ୍ତ, ଲେଦା ମୁଣ୍ଡା, ଚନ୍ଦ୍ରମଣି ଦଳେଇ, ମଙ୍ଗୁଲୁ ନାଏକ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ପିଇଓ ତପନ ମହାନ୍ତ ଖଣ୍ଡନ କରିଥିବା ବେଳେ ଘଟଣାର ତଦନ୍ତ କରାଯିବ ବୋଲି ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି।

# ଶୈବପୀଠରେ ଜାଗର ଉପବାସ



ବଡ଼ବିଲ, ୧୬।୨ (ସମିସ): କେନ୍ଦୁଝର ଜିଲା ବଡ଼ବିଲ ଓ ଆଖପାଖ ଅଞ୍ଚଳରେ ମହାଶିବରାତ୍ରୀ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ବଡ଼ବିଲସ୍ଥିତ ହରିହର ମନ୍ଦିର, କଲ୍ୟାଣେଶ୍ୱର ମନ୍ଦିର, ବାବା ବିଶ୍ୱନାଥ ମନ୍ଦିର, ପୁଷ୍ପ ଦନ୍ତେଶ୍ୱର ମନ୍ଦିର, ଚମ୍ପକେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, ବଲିତାସ୍ଥିତ ବାବା ଜଟେଶ୍ୱର ମନ୍ଦିର, ସେରେଣ୍ଡାସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଥିବା ଶିବ ମନ୍ଦିର, ଭଦ୍ରାସାହିସ୍ଥିତ ଶିବ ମନ୍ଦିର ଓ ରୋଇଡା ଶୈବପୀଠରେ ଭୋରରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଭକ୍ତମାନେ ସକାଳେ ଶିବଙ୍କ ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳି ଦେଇ କରିଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ନିର୍ଜଳା ଉପବାସ କରିବା ସହ ଜାଗର ଜଳିଥିଲେ। ସେହିପରି ହରିହର ମନ୍ଦିରରେ ଭଜନ ସମାରୋହର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

# ମିଳିତ ଅଭିଯୋଗ ଶୁଣାଣିରେ ୧୦୪ ଅଭିଯୋଗ




ଚମ୍ପୁଆ, ୧୬।୨(ସମିସ): ଚମ୍ପୁଆ ପଞ୍ଚାୟତସମିତି ସଭାଗୃହଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଏହି ମିଳିତ ଅଭିଯୋଗ ଶୁଣାଣିରେ ୧୦୪ଟି ଅଭିଯୋଗ ହୋଇଥିଲା। ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ଡିଏଫଓ ଏଚଡି ହନୁମନ୍ତ, ଅତିରିକ୍ତ ଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ସିଡିଏମଓ ବିବି ମିଶ୍ର, ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଆଦିବାସୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ଗଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବିଶେଷ ଭାବରେ ଭତ୍ତା, ଆବାସ, ଟ୍ରମାକେୟାର, ଏନଏସିରେ କ୍ୟାମେରା ସମସ୍ୟା, ବିଦ୍ୟାଳୟ ଶ୍ରେଣୀଗୃହ, ପାନୀୟଜଳ ଆଦି ଉପରେ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଆଙ୍ଗୁଲିଆ ଶିବ ମନ୍ଦିରରେ ଜାଗର ଉତ୍ସବ



ନାରଦପୁର, ୧୬।୨(ସମିସ): ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ନାରଦପୁର ପଞ୍ଚାୟତର ଆଙ୍ଗୁଲିଆ ଶିବ ମନ୍ଦିରରେ ଜାଗର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଭୋର ସମୟରେ ମନ୍ଦିର ଖୋଲାଯାଇ ରିତିନୀତି ଅନୁଯାୟୀ ପୂଜକ ଗୋଲକ ବିହାରୀ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ସେବାୟତ ମାୟାଧର ବେହେରା, ପ୍ରଫୁଲ୍ଲ ନାଏକ ରହିଥିଲେ। ମହାଦେବଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ବା ଲାଇନ୍‌ରେ ରହି ସନ୍ଧ୍ୟାରେ ଜାଗର ଜାଳିଥିଲେ। ମନ୍ଦିର କମିଟିର ମୁଖ୍ୟ କିଶୋର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ମନ୍ଦିର କମିଟି ପକ୍ଷରୁ ପାଲା ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ମନ୍ଦିରକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନ୍ଦିର କମିଟିର ପ୍ରଭାକର ମହାନ୍ତ, ଯଶବନ୍ତ ରଞ୍ଜିଡ଼ି, ଅଜୁ ନାଏକ, ଡାକ୍ତର ରଞ୍ଜିଡି, ପବିତ୍ର ନାଏକ, ସନ୍ତୋଷ ବେହେରା, ବାବୁଲାଲ ମହାକୁଡ, ସୁଶିଲ କୁମାର ନାଏକ, ବିଶ୍ୱନାଥ ନାଏକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଫକୀରପୁରରେ ଚକ୍ଷୁ ଚିକିତ୍ସା ଶିବିର



ଆନନ୍ଦପୁର, ୧୬।୨ (ସମିସ): ଭୂମିକା ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଶ୍ରୀସତ୍ୟସାଇ ସେବା ସମିତି, ଫକୀରପୁର ଆନୁକୂଲ୍ୟରେ ସେବା ସମିତିର ପ୍ରାର୍ଥନାଗୃହରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୭ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଛି। ଚିକିତ୍ସାଳୟର ଡାକ୍ତରୀ ଦଳକୁ ଶ୍ରୀ ସତ୍ୟସାଇ ସେବା ସମିତିର ଜଣେ ସେବାଦଳ ଭଉଣୀ ଓ ୬ ଜଣ ସେବାଦଳ ଭାଇ ସହଯୋଗ କରିଥିଲେ ଏବଂ ରୋଗୀମାନଙ୍କୁ ସେବା ପ୍ରଦାନ କରିଥିଲେ। ରୋଗୀ ଭାଇ ଭଉଣୀମାନଙ୍କ ଆରୋଗ୍ୟ କାମନା କରି ଭଗବାନ ବାବାଙ୍କୁ ପ୍ରାର୍ଥନା ପୂର୍ବକ ୩ ଥର ଶାନ୍ତି ପାଠ କରି ଶିବିର ସମାପ୍ତ କରାଯାଇଥିଲା।

# ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୬।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ତଥା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଉପଖଣ୍ଡର ପୁଲିସ ଅଧିକାରୀ କମଳାକାନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ବ୍ରହ୍ମଚାରୀ ସଂଗ୍ରାମ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ସିନେ ତାରକା ଧାରା ଶ୍ରାବଣୀ ମହାପାତ୍ର ଯୋଗ ଦେଇଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ କାହ୍ନୁଚରଣ ଜେନା ସଂଯୋଜନା କରିଥିବା ବେଳେ ଅଧାପିକା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରଞ୍ଜନ ନାୟକ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମହାବିଦ୍ୟାଳୟର ମୁଖପତ୍ର ଶାଶ୍ୱତକୁ ଉନ୍ମୋଚନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗମ ଅର୍କେଷ୍ଟ୍ରା ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା। ଅଧ୍ୟାପକ ରଘୁଦୀପ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ୧୯ରୁ ମାଟ୍ରିକ୍ ପରୀକ୍ଷା

# ଝୁମ୍ପୁରା ବ୍ଲକ୍: ୧୨ କେନ୍ଦ୍ରରେ ୨୩୩୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ




ବାଲିବନ୍ଧ, ୧୬।୨ (ସମିସ): ଆସନ୍ତା ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ବୋର୍ଡ ପରୀକ୍ଷା ପାଇଁ ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ରହିଛି। ମୋଟ ୧୨ଟି ପରୀକ୍ଷା କେନ୍ଦ୍ରରେ ୨୩୩୩ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ। ନୋଡାଲ କେନ୍ଦ୍ର ପରିସରରେ ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ୍‌କୁ ପୁଲିସ୍ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ପହରା ଦିଆଯାଉଛି। ସିସି କ୍ୟାମେରାର ନଜର ରହିଛି। ସକାଳ ୭ଟା ୩୦ରୁ ୮ଟା ୧୫ ମଧ୍ୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପରୀକ୍ଷାର୍ଥୀ ପ୍ରବେଶ ସମୟ ଧାର୍ଯ୍ୟ କରାଯାଇଛି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ। ଗଣିତ ବିଷୟ ଦିନ ଅଧିକ ୧୫ମି. ସମୟ ଧାର୍ଯ୍ୟ ହୋଇଥିବା ସୂଚନା ରହିଛି। ଝୁମ୍ପୁରା ନୋଡାଲ କେନ୍ଦ୍ରର ପର୍ଯ୍ୟବେକ୍ଷକ ଭାବେ ଝୁମ୍ପୁରା ସହ ଗୋଷ୍ଠୀଶିକ୍ଷାଧିକାରୀ ନବକିଶୋର ସାମଲ ଥିବା ବେଳେ, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ନୋଡାଲ ଇନ୍‌ଚାର୍ଜ ଏବଂ ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ ନୋଡାଲ ସହ ଇନ୍‌ଚାର୍ଜ ଭାବେ ନିଯୁକ୍ତ କରାଯାଇଛି। ସଠିକ ସମୟରେ ପରୀକ୍ଷା କେନ୍ଦ୍ରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚାଇବା ନିମନ୍ତେ ୩ଟି ଟିମ୍ ଗଠନ କରାଯାଇଛି। ଝୁମ୍ପୁରା ନୋଡାଲ କେନ୍ଦ୍ର ଅଧୀନରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ବାଲିବନ୍ଧ ଉଚ୍ଚ୍‌ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨୧ ଜଣ, ଜନତା ନୋଡାଲ ଉଚ୍ଚବିଦ୍ୟାଳୟ, ଗୋବର୍ଦ୍ଧନ ପରୀକ୍ଷ କେନ୍ଦ୍ରରେ ୧୭୫ ଜଣ, କାଉଁରୀକଳା ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୧୬୫ ଜଣ, ଲକ୍ଷ୍ମୀନାରାୟଣ ଉଚ୍ଚ୍ଚ ବିଦ୍ୟାଳୟ, ମହାଦେଇଯୋଡା ପରୀକ୍ଷା କେନ୍ଦ୍ରରେ ୨୫୦ ଜଣ, ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପଦ୍ମପୁର ପରୀକ୍ଷା କେନ୍ଦ୍ରରେ ୧୪୨ ଜଣ, ପଞ୍ଚଶଖା ନୋଡାଲ ଉଚ୍ଚ ବିଦ୍ୟାଳୟ ଆମୁଣି ପରୀକ୍ଷା କେନ୍ଦ୍ରରେ ୧୭୭ ଜଣ, ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ, ନହବେଡା ପରୀକ୍ଷା କେନ୍ଦ୍ରରେ ୧୩୨ଜଣ, ରାଇସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୭୭ଜଣ, ଏସବି ନୋଡାଲ ଉଚ୍ଚ ବିଦ୍ୟାଳୟ ପଳାଶପଙ୍ଗା, ପରୀକ୍ଷା କେନ୍ଦ୍ରରେ ୨୫୪ଜଣ, ଉଖୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୨୪୬ଜଣ ଏବଂ ଏବିଏ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପଡା ପରୀକ୍ଷା କେନ୍ଦ୍ରରେ ୨୩୩ଜଣ ମୋଟ ୨୩୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନେଇ ନୋଡାଲ ଇନଚାର୍ଜ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

# ନୟାଗଡ଼ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଝୁମ୍ପୁରା,୧୬।୨(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନୟାଗଡ଼ ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗିରିଶଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେ.ସି ପ୍ରଧାନ ଆଇରନ ପ୍ରାଇଭେଟ ଲିମିଟେଡର ମୁଖ୍ୟ ଜେଡ ରେହେମାନ୍ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଝୁମ୍ପୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷା ମାଳତୀ ନାଏକ ବିଦ୍ୟାର୍ଥୀଙ୍କୁ ସମାଜରେ ଭଲ ମଣିଷ ଭାବେ ପ୍ରତିପାଦିତ କରିବାକୁ ଉପଦେଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ନୟାଗଡ ଗ୍ରାମର ସମାଜସେବୀ ବାବୁରାମ ନାଏକ ଛାତ୍ରଛାତ୍ରୀ ମାନଙ୍କ ସଫଳତାକୁ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ବାମେବାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ପୂଜାରୀ,ବସନ୍ତପୁର ସାଧନକେନ୍ଦ୍ର ସଂଯୋଜକ ହେମନ୍ତ କୁମାର ମାଝୀ, ବସନ୍ତପୁର ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ମୁଦୁଲି, ପୁରୁଣାପାଣି ପରିଚାଳନା କମିଟିର ସଭାପତି ଶିଳା ନାଏକ, ପଞ୍ଚସଖା ଶିକ୍ଷାସେତୁ ସମ୍ପାଦକ ରମେଶଚନ୍ଦ୍ର ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ କିଶୋରଚନ୍ଦ୍ର ମାଝୀ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ସମେତ କର୍ମଚାରୀଗଣ ଏଥିରେ ସହଯୋଗ କରିଥିଲେ।

## ରକ୍ଷଣାବେକ୍ଷଣର ଅଭାବ

# କୋଟି କୋଟି ଟଙ୍କାର ସରକାରୀ ଗୃହ ଏବେ ଭୂତକୋଠି



**ବାରିପଦା/ସାରସକଣା, ୧୬।୨(ସମିସ)**

ଓଡ଼ିଶା ସୀମାନ୍ତ ସାରସକଣା ବ୍ଲକ ଜାମଶୋଳା ତନଖି ଫାଟକ ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କୋଠାଘର ଏବେ ଭୂତକୋଠି ପାଲଟିଛି। ଏହାକୁ ବିକଳ୍ପ ଯୋଜନାରେ ଭିତ୍ତିଭୂମି ବିକାଶ କରାଯାଇ କାମରେ ଲଗାଯିବାକୁ ସାଧାରଣରେ ଦାବି ହେଉଛି।

ଜାତୀୟ ରାଜପଥର ୪୯ନଂ (ପୂର୍ବରୁ ୬ନଂ)ରେ ଏକଦା କାର୍ଯ୍ୟ କରୁଥିବା ଏହି ଫାଠକ ସ୍ଥଳ ରାତିରେ ଦିନର ଭ୍ରମ ସୃଷ୍ଟି କରୁଥିବାବେଳେ ଏବେ ତାହା ଇତିହାସ ପାଲଟିଛି। ସେତେବେଳେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ନିୟନ୍ତ୍ରଣ କରୁଥିବା ଏହି ଫାଟକ ପାଇଁ ନିର୍ମିତ ଧାଡ଼ି ଧାଡ଼ି ସଡ଼କ ଓ କୋଠାଘର ଅବ୍ୟବହୃତ ହୋଇ ମାଟିରେ ମିଶିବାକୁ ଯାଉଛି। ଏକଦା ଏହି ତନଖି ଫାଟକ ପାଇଁ କେବଳ ଭାରତରେ ନୁହେଁ, ବରଂ ବାଂଲାଦେଶ ଓ ନେପାଳରେ ବି ମୟୂରଭଞ୍ଜ ଜିଲ୍ଲାର ପରିଚୟ ବେଶ ସୁଦୃଢ଼ ରହିଥିଲା। ଭାରତର ବିଭିନ୍ନ ରାଜ୍ୟର ସାମଗ୍ରୀ ପରିବହନର ମୁଖ୍ୟ ରାସ୍ତା ଏହି ଜାମଶୋଳା ଥିଲା। ଏଣୁ ଦେଶର କୋଣଅନୁକୋଣରେ ରହିଥିବା ବଡ଼ ବଡ ବ୍ୟବସାୟୀ ବହୁ ସମୟରେ ଏଠାକୁ ଆସିବା ସହ ଜାମଶୋଳା ସହ ବା ମୟୂରଭଞ୍ଜ ଜିଲ୍ଲା ସହିତ ବେଶ ସୁସମ୍ପର୍କ ରଖିଥିଲେ। ପୂର୍ବ ତଥ୍ୟ ଆଧାରରେ ଯାହା ଜଣାଯାଏ, ଏହି ବାଟ ଦେଇ ଦୈନିକ ଯାଉଥିବା ହଜାର ହଜାର ମାଲ ବୋଝେଇ ଯାନକୁ ଲକ୍ଷ୍ୟ କରି ତନଖି ଫାଟକ ସ୍ଥାପନ କରାଯାଇଥିଲା। କାଳକ୍ରମେ ଏହାକୁ ନୂତନ ଭାବେ ନିର୍ମାଣ କରାଯାଇ ସୁବ୍ୟବସ୍ଥା ଅନୁଯାୟୀ ୧୯୯୬ରୁ ୧୯୯୮ରେ ପୂର୍ବତନ ମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଯାହାକି ସମୟ କ୍ରମେ ଉକ୍ତ ତନଖି ଫାଟକରୁ ଦୈନିକି ୧୫ରୁ ୨୦ଲକ୍ଷ ଟଙ୍କା ରାଜସ୍ୱ ସରକାର ପାଉଥିଲେ।

## ବିକଳ୍ପ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଦାବି

ପରିବହନ, ବାଣିଜ୍ୟ କର, ବନ ଓ ପୁଲିସ ବିଭାଗ ସହିତ ଅନ୍ୟାନ୍ୟ ବିଭାଗକୁ ମିଶାଇ ମାସିକ ୫ରୁ ୮କୋଟି ରାଜସ୍ୱ ପାଉଥିଲେ। କେବଳ ଏତିକି ନୁହେଁ ବରଂ ବେଆଇନ ଭାବେ ସମସ୍ତ ପରିବହନ ଉପରେ ପ୍ରଶାସନର ନିୟନ୍ତ୍ରଣ ମଧ ରହିଥିଲା। ବର୍ତ୍ତମାନ ନିୟନ୍ତ୍ରଣ ବିହୀନ ହୋଇ ବେଧଡକ ପରିବହନ ଚାଲିଛି। ଅନ୍ୟ ଦିଗରୁ ଦେଖିଲେ ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ଫାଟକ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିର୍ଭର କରୁଥିଲେ। ଯେବେଠାରୁ ସରକାର ଅଚାନକ ଜିଏସଟି ନୀତି ଲାଗୁ କଲେ, ତା'ପରଠାରୁ ସମସ୍ତ ପରିବାର ଏବେ ବେସାହାରା ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହା ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ମାଟିରେ ମିଶିବାକୁ ଯାଉଛି। ରକ୍ଷଣାବେକ୍ଷଣ ଅଭାବ ପାଇଁ ସେଗୁଡ଼ିକ ଖତ ଖାଉଛି ଓ ଚୋରି ମଧ ହେଉଛି।

ଏହି ଆନ୍ତଃରାଜ୍ୟ ତନଖି ଫାଟକ ଚାଲିଥିଲାବେଳେ ବିଭିନ୍ନ ବିଭାଗକୁ ନିୟନ୍ତ୍ରଣ କରିବା ପାଇଁ ଉଚ୍ଚପଦସ୍ଥ କର୍ମଚାରୀଠୁ ଆରମ୍ଭ କରି ତୃତୀୟ ଶ୍ରେଣୀ କର୍ମଚାରୀ ଓ ସୁରକ୍ଷା କର୍ମଚାରୀଙ୍କ ପାଇଁ ସରକାରୀ ପାଣ୍ଠିରୁ ପାଖାପାଖି ୧୦୦ କୋଟି ଟଙ୍କାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଓ ଫାଟକ ଗୃହ ନିର୍ମାଣ କରାଯାଇଥିଲା। ଏଥିସହ ଅଫିସରଙ୍କ ପାଇଁ ହନୁମାନ ମନ୍ଦିର ପଛପଟେ ସୁନ୍ଦର ଓ ସ୍ୱତନ୍ତ୍ର ଭାବେ ୩୮ଟି କ୍ୱାର୍ଟର କରାଯାଇଥିଲା। ଯାହାକି ସାଧାରଣ ଭାବେ ନୁହେଁ ଉଚ୍ଚକୋଟୀର ହୋଇଥିଲା। ଟାଇଲ୍ସଠୁ ଆରମ୍ଭ କରି ସାଜସଜ୍ଜା ମଧ ଖୁବ ଉଚ୍ଚମାନର ହୋଇଥିଲା। ଅନ୍ୟପଟେ ପରିବାର ସହିତ ରହିବା ପାଇଁ ୩ଟି ବଡ ଅଟ୍ଟାଳିକା ନିର୍ମାଣ ହୋଇଥିଲା। ଯାହା ଭିତରେ ୧୦ ଜଣ ସଦସ୍ୟ ରହିବା ଭଳି ଅତିକମରେ ୩୬ଟି କ୍ୱାର୍ଟର ନିର୍ମାଣ କରାଯାଇଥିଲା। ପାଖାପାଖି ୭୪ ସାଧାରଣ କର୍ମଚାରୀଙ୍କ ପାଇଁ ବଡବଡ କ୍ୱାର୍ଟର କରାଯାଇଥିଲା। ସେହିଭଳି ଅଧିକାରୀଙ୍କ ପାଇଁ କାର୍ଯ୍ୟାଳୟ ଉପରେ ମଧ କ୍ୱାର୍ଟର ବ୍ୟବସ୍ଥା ରହିଥିଲା। ଯାହାର ବର୍ତ୍ତମାନ ମୂଲ୍ୟ ଯଦି ଗୋଟିଏ କ୍ୱାର୍ଟର ୨୦ ଲକ୍ଷ ହିସାବରେ ଆକଳନ କରାଯାଏ, ସର୍ବନିମ୍ନ ୧୪ କୋଟି ୮୦ ଲକ୍ଷ ଟଙ୍କା ହେବ। ସେହିପରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଦୁଇଟି ବଡ କାର୍ଯ୍ୟାଳୟ ୩ ମହଲା ବିଶିଷ୍ଟ ରହିଛି।

ସେହିପରି ସମଗ୍ର ଅଞ୍ଚଳରେ ଯାତାୟାତ ପାଇଁ କଲୋନୀ ମଧରେ ପିଚୁ ରାସ୍ତା ନିର୍ମାଣ କରାଯାଇଛି। ଯାହାକି ପୂର୍ବଭଳି ଅକ୍ଷତ ଅବସ୍ଥାରେ ରହିଛି। ବିଭିନ୍ନ ରାଜ୍ୟରୁ ଆସୁଥିବା ପରିବହନ ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ବଡ଼ ଆନଲୋଡ଼ିଂ ଗୃହ ମଧ ରହିଛି। ଯେଉଁଠାରେ ପଶୁପକ୍ଷୀ ବାସସ୍ଥାନ କରିସାରିଲେଣି। ପ୍ରତ୍ୟେକ ଦିନ ହଜାର ହଜାର ଯାନବାହନ ଏଠାରେ ରହୁଥିବା ହେତୁ ଅନେକ ଶୌଚାଳୟ ଓ ଅନ୍ୟାନ୍ୟ ଗୃହ ପରିତ୍ୟକ୍ତ ଭାବେ ପଡ଼ିଛି। ଦୁଃଖର ବିଷୟ ଯେ, ଯେତେବେଳେ ୨୦୧୭ ମାର୍ଚ୍ଚ ୩୧ ତାରିଖରେ ଜାମଶୋଳାଠାରୁ ତନଖି ଫାଟକ ପ୍ରତ୍ୟାହାର କରିନିଆଗଲା, ସେତେବେଳେ ସରକାର ମରାମତି ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିକାରୀ ଏହାକୁ ବିକଳ୍ପ କାର୍ଯ୍ୟରେ ବ୍ୟବହାର ପାଇଁ ଯୋଜନା ପ୍ରସ୍ତୁତ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ବର୍ତ୍ତମାନ ଜିଲ୍ଲାରେ ଜାତୀୟ ରାଜପଥରେ ମାଲବାହୀ ଯାନ ପାର୍କିଂଜନିତ ଦୁର୍ଘଟଣା ପାଇଁ ଟ୍ରକ ଟର୍ମିନାଲ, ଟ୍ରମାକେୟାର ସେଣ୍ଟର ଓ ଜାତୀୟ ରାଜପଥ ବିଶ୍ରାମ କେନ୍ଦ୍ର ନିର୍ମାଣ ଜରୁରୀ ଥିବାବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଆଦିବାସୀ ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ଡା ଦେବାଶିଷ ମାରାଣ୍ଡି ଦାବି ଜଣାଇଛନ୍ତି।

## ଖରେଶ୍ୱର ମନ୍ଦିରର ରତ୍ନମୁଦ



**ବଡ଼ସାହି, ୧୬।୨(ସମିସ):** ଜାଗର ଅବସରରେ ବଡ଼ସାହି ବ୍ଲକ ଦେଉଳିଆ ପଞ୍ଚାୟତର ଦେଉଳିଆଠାରେ ନବନିର୍ମିତ ଖରେଶ୍ୱର ମହାଦେବ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ରବିବାର ସମ୍ପନ୍ନ ହୋଇଛି। ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ଗାଁ ପରିକ୍ରମା କରାଯିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ଶଙ୍ଖ, ହୁଳୁହୁଳି, ହରିବୋଲ ଓ ହରହର ମହାଦେବ ଧ୍ୱନିରେ ଗାଁ ପ୍ରକମ୍ପିତ ହୋଇଥିଲା। ପ୍ରାରମ୍ଭରେ ବରୁଣ ଓ ସାହାଡା ଗଛକୁ ପୂଜା କରାଯାଇ ଯଜ୍ଞ ଓ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତାକର୍ତ୍ତୀ ଭାବେ ମନୋରଞ୍ଜନ ଗଜେନ୍ଦ୍ର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ମମତା ଗଜେନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏ ଅବସରରେ ଗ୍ରାମ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଭକ୍ତ ଦାନ କରିଥିବା ଧାନ, ଚାଉଳ, ଟଙ୍କା, ସୁନା ଓ ରୂପା ଆଦିକୁ ରତ୍ନମୁଦ୍ରରେ ଭରଣ କରାଯାଇଥିଲା।

## ପିଙ୍ଗୁ ଗ୍ରାମରେ ଖୋଲିଲା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା



**ପିଙ୍ଗୁ, ୧୬।୨(ସମିସ):** ଆଜି କପ୍ତିପଦା ବ୍ଲକ ଅନ୍ତର୍ଗତ ପିଙ୍ଗୁ ଗ୍ରାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଶାଖା ଉଦ୍‌ଘାଟିତ ହୋଇଛି। ଏହା ବାରିପଦା ଜୋନ୍‌ର ୭୪ତମ ଶାଖା। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜା କରି ଅତିଥିମାନେ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଫଳକ ଅନାଭରଣ କରି ବ୍ୟାଙ୍କ ଶାଖାକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଭାରେ ଯୋଗଦେଇ ବ୍ୟାଙ୍କକୁ ନିଜର ପୁଅଭଳି ଭାବି ତା'ର ଯତ୍ନ ନେଲେ ସେ ଭବିଷ୍ୟତରେ କାର୍ଯ୍ୟରେ ଆସିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଜେନେରାଲ ମ୍ୟାନେଜର ପ୍ରଫୁଲ କୁମାର ଗିରି ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପୃଥିବୀର ୫ଟି ମହାଦେଶରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ତେଣୁ ଏହା ସହ ଯୋଡ଼ି ହେଲେ କୌଣସି ଅସୁବିଧା ହେବନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ବିକାଶ କ୍ରିଷ୍ଣା, ବାରିପଦା ଜୋନର ମ୍ୟାନେଜର ନିମିଳେଶ ରଞ୍ଜନ, ସ୍ଥାନୀୟ ଗ୍ରାମବାସୀ ସଦାନନ୍ଦ ବେହେରା, ସୁଧାଂଶୁ ଦାଶ, ବୃନ୍ଦାବନ ନାୟକ, କମଳାକାନ୍ତ ଲେଙ୍କା ଯୋଗ ଦେଇଥିଲେ। ସର୍ବେଶ୍ୱର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଭୋଳାନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରଞ୍ଜନ ବେହେରା, ପ୍ରଦୀପ ନାୟକ ଓ ଗ୍ରାମର ପୁରୁଷ ଓ ମହିଳା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୧୬।୨(ସମିସ):** ବହଳଦା ଥାନା ଅଞ୍ଚଳରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ନାସା ନିକଟସ୍ଥ ପୋଲ ତଳୁ ଉକ୍ତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ଆନୁମାନିକ ବୟସ ୪୦ ବର୍ଷରୁ ଅଧିକ ହେବ। ସ୍ଥାନୀୟ ଲୋକମାନେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତଦେହ ଉଦ୍ଧାର କରି ଏକ ମାମଲା ରୁଜୁ କରି ପରିଚୟ ନିମନ୍ତେ ପୁଲିସ ତଦନ୍ତ ଜାରି ରଖିଛି। ପରିଚୟ ଜାଣିଥିବା ବ୍ୟକ୍ତି ବହଳଦା ଥାନାରେ ଯୋଗାଯୋଗ କରିବାକୁ କୁହାଯାଇଛି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଡ଼ସାହି, ୧୬।୨(ସମିସ):** ବଡ଼ସାହି ଥାନା ଅଧୀନ ଦାମୋଦରପୁର ଗ୍ରାମରେ କାଳୀଚରଣ ସରେନ ଓ ତାଙ୍କ ସାଙ୍ଗ ଦୁବାଇ ହାଁସଦାଙ୍କୁ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର ଗୋପୀ ସରେନ ଗାଳିଗୁଲଜ ଓ ମାଡ଼ ମାରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇ ଏକ ଛୁରୀରେ ମାରଣାନ୍ତକ ଆକ୍ରମଣ କରିଥିବା ଜଣାଯାଇଛି। ଏ ନେଇ କାଳୀଚରଣଙ୍କ ଅଭିଯୋଗକୁ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୃଥକ୍ ଦୁର୍ଘଟଣାରେ ୨ ମୃତ

**ରାଇରଙ୍ଗପୁର/ବିଶୋଇ, ୧୬।୨(ସମିସ):** ଦୁଇଟି ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟା ସମୟରେ ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ଅଞ୍ଚଳରେ ଦୁଇଟି ଦ୍ରୁତଗାମୀ ବାଇକ ମୁହାଁମୁହିଁ ଧକ୍କା ଫଳରେ ଜଣକର ମୃତ୍ୟୁ ହୋଇଛି। ମୃତକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ସରଗଡ଼ା ବାରୁଡ଼ି ଗ୍ରାମର ରବି ମୁଣ୍ଡା। ଲୁହାକାନି ଅଞ୍ଚଳରେ ନିତାଇ ସିଂ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବାଲିଆଡ଼ିପା ଗ୍ରାମ ଶଙ୍କର ମାର୍ଣ୍ଡି, କୁନାରାମ ମାର୍ଣ୍ଡି ଓ ମଥୁରା ମାର୍ଣ୍ଡି ଆହତ ହୋଇଛନ୍ତି। ସେହିପରି ବାଦାମପାହାଡ଼ ଥାନା ଅନ୍ତର୍ଗତ ଦଳକି ନିକଟରେ ବାଇକରୁ ଖସି ପଡ଼ି ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ପରିଚୟ ମିଳିପାରିନାହିଁ। ପୁଲିସ ପକ୍ଷରୁ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଉଭୟଙ୍କ ମୃତଦେହ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଯାଇଛି।

## ବଳଦିଆ ସରକାରୀ ବିଦ୍ୟାଳୟରେ ଅନିୟମିତତା

# ପାଚିକା ଦାୟିତ୍ୱରେ ପିଲାଙ୍କୁ ଛାଡ଼ି ପଳାଇଲେ ଶିକ୍ଷକ/ଶିକ୍ଷୟିତ୍ରୀ

**ମୋରଡା, ୧୬।୨(ସମିସ):** ମୋରଡା ବ୍ଲକ ଅଧୀନ ବଳଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦାୟିତ୍ୱହୀନତା ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମଧୁସୂଦନ ତରାଇ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି ଓ ସହକାରୀ ଶିକ୍ଷୟିତ୍ରୀ ଭାବେ ଶୁଭସ୍ମିତା ଦତ୍ତ କାର୍ଯ୍ୟରତ ଅଛନ୍ତି। ଆଜି ପ୍ରଧାନଶିକ୍ଷକ ମଧୁସୂଦନ ଓ ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ବିଦ୍ୟାଳୟକୁ ଯାଇ କେବଳ ଉପସ୍ଥାପନା ପକାଇ ଛାତ୍ରୀଛାତ୍ରଙ୍କୁ ପାଠ ନ ପଢ଼ାଇ ବିଦ୍ୟାଳୟ ଛାଡି ପଳାଇଥିଲେ। ଉକ୍ତ ବିଦ୍ୟାଳୟରୁ ମାତ୍ର ୧୦୦ ମିଟର ଦୂରରେ ଜମ୍ବୀରା ନଦୀ ଓ ହାତୀ ଚଲାପଥ ଥିବାରୁ ଛାତ୍ରୀଛାତ୍ରଙ୍କୁ ଏମିତି ଛାଡି ପଳାଇବାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ପୂର୍ବରୁ କୁକୁଡ଼ା ଲଢେଇ କରିବା ପାଇଁ ଅଧିକାଂଶ ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ ବେଆଇନ ଭାବେ ବିଦ୍ୟାଳୟରୁ ପଳାନ୍ତି ବୋଲି ଅଭିଯୋଗ କରିଛନ୍ତି ଅଭିଭାବକ। ଏ ନେଇ ସିଆରସିସି ମାନସ ରଞ୍ଜନ ବେହେରା ପ୍ରଧାନଶିକ୍ଷକଙ୍କୁ ବିନା ଦରଖାସ୍ତରେ ଶିକ୍ଷୟିତ୍ରୀ ଦତ୍ତଙ୍କୁ ବିଦ୍ୟାଳୟରୁ ଛାଡ଼ିବା ଓ ପ୍ରଧାନଶିକ୍ଷକ ଶ୍ରୀ ତରାଇ ମଧ ବିଦ୍ୟାଳୟରୁ ପଳାଇବାକୁ ନେଇ ତାଗିଦ କରିବା ଅଡିଓ ହସ୍ତଗତ ହୋଇଛି। ପ୍ରଧାନଶିକ୍ଷକ ତରାଇ ବିନା ଦରଖାସ୍ତରେ ଓ ଶିକ୍ଷୟିତ୍ରୀ ଦତ୍ତ ବିଦ୍ୟାଳୟରୁ ପଳାଇବାକୁ ନେଇ ନିଜ ଭୁଲ ସ୍ୱୀକାର କରିବା ସହିତ ବିଇଓଙ୍କୁ ଏ ସମ୍ପର୍କରେ ନ ଜଣାଇବାକୁ କହି ଘଟଣା ଚାପି ଦେବାକୁ ଉଦ୍ୟମ କରୁଥିବା ଅଡିଓରୁ ସ୍ପଷ୍ଟ ବାରି ହୋଇପଡୁଛି। ଏ ନେଇ ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ବାଇକ୍ ଧକ୍କାରେ ମହିଳା ଗୁରୁତର

**ଠାକୁରମୁଣ୍ଡା, ୧୬।୨(ସମିସ):** ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚାଇଁବାଇଁଶ ଛକ ନିକଟରେ ଏକ ବାଇକ ପଛପଟୁ ଧକ୍କା ଦେବା ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି। ଦିଗଦର ପଞ୍ଚାୟତ ଖୁଣ୍ଟାପୋଷି ଗାଁର ଖିଲାର ମୁର୍ମୁଙ୍କ ପୁଅ ଓ ତାଙ୍କ ସ୍ତ୍ରୀ ଏକ ବାଇକ ଯୋଗେ କରଞ୍ଜିଆରୁ ଘରକୁ ଫେରୁଥିବା ସମୟରେ ଶିବରାତ୍ରି ମେଳା ବୁଲିବା ପାଇଁ ଯାଇଥିବା ମିଟୁଆଣି ଗ୍ରାମର ସାଧୁଚରଣ ହୋଙ୍କ ଝିଅ ନିରତି ହୋ (୨୦) ରାସ୍ତା କଡ଼ରେ ଥିବା ସମୟରେ ବାଇକ୍‌ଟି ପଛପଟୁ ଧକ୍କା ଦେଇଥିଲା। ନିରତିଙ୍କ ଡାହାଣ ଗୋଡ ଭାଙ୍ଗିଯାଇଛି। ବାଇକ ଚାଳକ ସୁଜିତ ମୁର୍ମୁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଠାକୁରମୁଣ୍ଡା ପୁଲିସ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

## ଜାତୀୟସ୍ତରୀୟ ଗୋ-ଶାଳା କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଦାନୀ ଏକାଦଶ ବିଜୟୀ

**ବାରିପଦା, ୧୬।୨(ସମିସ):** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଗୋ-ଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିଆରା ଢଙ୍ଗରେ ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦାନୀ ଏକାଦଶ ୮୯ ରନ୍‌ରେ ବଜରଙ୍ଗୀ ଦି ସାଭିୟାରକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି।



ଆୟୋଜକ କ୍ଲବର ସଦସ୍ୟ ଅପରାହ୍ନରେ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ମଶାଲ ରାଲିରେ ଷ୍ଟେସନ ବଜାର ନିକଟରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରୁ ଶଗଡ଼ ଗାଡି ଶୋଭାଯାତ୍ରାରେ ପ୍ରତ୍ୟେକ ଦଳର ମାଲିକ ଓ ଆଇକନ ଖେଳାଳି ପଡ଼ିଆରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ପଡ଼ିଆ ମଝିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଆତିସବାଜୀ ଭିତରେ ଚାମ୍ପିଅନ ଟ୍ରଫିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଯୁବ ନେତା ତଥା ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶ ମହାନ୍ତ, ବିଶିଷ୍ଟ କ୍ରୀଡ଼ା ସଂଗଠକ ଗିରିଶ ଚନ୍ଦ୍ର ଦାସ, କାଉନସିଲର ବିବେକାନନ୍ଦ ନାୟକ ଓ ଅନନ୍ତ ଦାସ, ଉଦ୍ୟୋଗପତି ପ୍ରହ୍ଲାଦ ବେହେରା, ବରୁଣ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ସୌମ୍ୟରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି ଓ ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧକ୍ଷ ଶ୍ରୀକାନ୍ତ ବାରିକ, ସହକୋଷାଧକ୍ଷ ସନ୍ଦୀପ୍ତ ମଲ୍ଲିକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଆଜି ଉଦ୍‌ଘାଟନୀ ମ୍ୟାଚ୍ ବଜରଙ୍ଗୀ ଦି ସାଭିୟାର ଓ ଦାନୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଦାନୀ ଏକାଦଶ ଦଳ ବଜରଙ୍ଗୀ ଦି ସାଭିୟାରକୁ ୮୯ ରନରେ ପରାସ୍ତ କରିଥିଲା। ରତିକାନ୍ତ ଦାସ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ଚାମ୍ପିଅନ ଦଳ ପାଇଁ ୨. ୫ ଲକ୍ଷ ଓ ରନର୍ସଅପ ପାଇଁ ୨ ଲକ୍ଷ ପୁରସ୍କାର ରାଶି ରହିଥିବାବେଳେ ଖେଳାଳିଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରହିଛି। ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ୪ଟି ଲେଖାଏଁ ମ୍ୟାଚ୍ ଖେଳାଯିବ ଓ ମାର୍ଚ୍ଚ ୧ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର କାର୍ଯ୍ୟସୂଚୀ

**ବାରିପଦା, ୧୬।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ହେବାକୁ ଯାଉଛି। ଫେବୃଆରୀ ୧୮ ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ, କୁସୁମୀ ବ୍ଲକ ନିମନ୍ତେ ଫେବୃଆରୀ ୨୪ ତାରିଖ ବାଦାମପାହାଡ ୟୁଜିଏମଇ ବିଦ୍ୟାଳୟ ଓ ଫେବୃଆରୀ ୨୬ ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ। ହିତାଧିକାରୀ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବେତନଟୀ ନୋଡାଲ ସେଣ୍ଟରରେ ପହଞ୍ଚିଲା ମାଟ୍ରିକ ପ୍ରଶ୍ନପତ୍ର

**ବେତନଟୀ, ୧୬।୨(ସମିସ):** ଆସନ୍ତା ୧୯ତାରିଖରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ ବେତନଟୀ ବ୍ଲକ ପାଇଁ ହୋଇଥିବା ନୋଡାଲସେଣ୍ଟର ବେତନଟୀର ପିଏମଶ୍ରୀ ଏମପିସି ଉଚ୍ଚବିଦ୍ୟାଳୟରେ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିଛି। ଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପିଏମଶ୍ରୀ ଏମପିସି ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ଆଗୁଆ ଷ୍ଟ୍ରଙ୍ଗରୁମର ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଧାନଶିକ୍ଷକ ଅର୍ଜୁନ ସିଂ ସୂଚନା ଦେଇଛନ୍ତି। ଷ୍ଟ୍ରଙ୍ଗରୁମରେ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ତା'ପରେ ମଧ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଷ୍ଟ୍ରଙ୍ଗରୁମରେ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ସାଙ୍ଗକୁ ସଶସ୍ତ୍ର ପୁଲିସ ଫୋର୍ସ ଦିନରାତି ଜଗି ରହିଛନ୍ତି। ବେତନଟୀ ବ୍ଲକର ୧୨ଟି ପରୀକ୍ଷାକେନ୍ଦ୍ର ସମେତ ମୋରଡା ବ୍ଲକର ଦାନତିଆମୁହାଁ ଉଚ୍ଚ ବିଦ୍ୟାଳୟ ଓ ବଡସାହି ବ୍ଲକର କୋଚିଲାଖୁଣ୍ଟା ବିଦ୍ୟାଳୟକୁ ମିଶାଇ ୧୪ଟି ପରୀକ୍ଷା କେନ୍ଦ୍ର ପାଇଁ ବେତନଟୀ ପିଏମଶ୍ରୀ ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ଆସିଥିବା ନେଇ ପ୍ରଧାନଶିକ୍ଷକ ଶ୍ରୀ ସିଂ ସୂଚନା ଦେଇଛନ୍ତି। ଆସନ୍ତା ୧୯ ତାରିଖ ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର କଡା ସୁରକ୍ଷାବଳୟ ମଧ୍ୟରେ ପରୀକ୍ଷାକେନ୍ଦ୍ର ପହଞ୍ଚିବା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଧାନଶିକ୍ଷକ ଅର୍ଜୁନ ସିଂ କହିଛନ୍ତି। ଏ ନେଇ ୩ଟି ଟିମ ଗଠନ କରାଯାଇଥିବାବେଳେ ଏହି ଟିମ ସଶସ୍ତ୍ର ପୁଲିସ ସୁରକ୍ଷା ମଧ୍ୟରେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେଇ ଧାର୍ଯ୍ୟ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇବେ।

## ସତ୍ୟସ୍ୱରୂପ ସ୍ମାରକୀ କ୍ରିକେଟ୍: ସେମିରେ ନିମପୁର ଓ ଆଦର୍ଶ କ୍ଲବ୍

**ଉଦଳା, ୧୬।୨(ସମିସ):** ସ୍ଥାନୀୟ ନାଗପାଳ ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନବମ ସତ୍ୟସ୍ୱରୂପ ସ୍ମାରକୀ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ କଟକର ନିମପୁର କ୍ରିକେଟ ଦଳ ଓ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିଣି ନିମପୁର ଦଳ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୧୩୬ ରନ୍ କରିଥିଲା। ଜବାବରେ ଝାରସୁଗୁଡା ପ୍ରୋଗ୍ରେସିଭ୍ ଦଳ ୧୩୧ ରନ୍ କରିବାକୁ ସମର୍ଥ ହୋଇଥିଲା। ନିମପୁର ଦଳର ଏସକେ ଇରଫାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଟସି ଜିତି ଝାଡଖଣ୍ଡର ବୋକାରୋ କ୍ରିକେଟ ଦଳ ରାଜୁ ଯାଦବଙ୍କ ୮୬ ରନ୍ ବଳରେ ୧୭୦ ରନ୍ କରିଥିଲା। ଜବାବରେ ଆଦର୍ଶ କ୍ରିକେଟ କ୍ଲବ ୧୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳର ରାହୁଲ ଗୁପ୍ତା ୭୯ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିବାବେଳେ ବୁବୁ ସିହ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬ଟି ଅଭିଯୋଗର ତତ୍କାଳ ସମାଧାନ

**କରଞ୍ଜିଆ, ୧୬।୨(ସମିସ)**

କରଞ୍ଜିଆରେ ମାସର ତୃତୀୟ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଯୋଗଦେଇ ଜନସାଧାରଣଙ୍କ ୬୬ଟି ଅଭିଯୋଗର ଶୁଣାଣି କରି ୬ଟିର ତତ୍କାଳ ସମାଧାନ କରିଛନ୍ତି।



ଆଜି ଶୁଣାଣି ଶିବିରରେ ୬୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୫୬ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୦ଟି ସାମୂହିକ ଥିଲା। ଆଜି ଅଭିଯୋଗ ଶୁଣାଣୀରେ ୬ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଛି। ୪ ଜଣଙ୍କୁ ମୋଟ ୩୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଇଛି। ସେଥିରୁ କରଞ୍ଜିଆ ଏନ୍‌ଏସି ୪ ନମ୍ବର ୱାର୍ଡର ଭାବଗ୍ରାହୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୧୦ ହଜାର ଟଙ୍କା, ରରୁଆ ବ୍ଲକ ଇନ୍ଦୁପୁର ଗ୍ରାମର ବଳଭଦ୍ର ବେହେରାଙ୍କୁ ୫ ହଜାର ଓ ରସମତଳା ଗ୍ରାମର ରମାକାନ୍ତ ନାଏକଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ରେଡକ୍ରସ ଫଣ୍ଡରୁ କରଞ୍ଜିଆ ବ୍ଲକ ଚଉଠିଆ ଗ୍ରାମର ଧୀରେନ୍ଦ୍ର ନାଏକଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି। ଅନ୍ୟ ଅଭିଯୋଗ ମଧ୍ୟରେ ଭତ୍ତା, ରାସ୍ତା ମରାମତି, ଡ୍ରେନ, ହଷ୍ଟେଲ ନିର୍ମାଣ ଆଦି ଅଭିଯୋଗ ଆସିଥିଲା। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଏସ୍‌ପି, ପାଞ୍ଚପିଡ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏଆଇଟିଡିଏ ଚିତ୍ତ ରଞ୍ଜନ ମହାନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନବକ୍ରିଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅନିତା ସିଂ, କରଞ୍ଜିଆ ଏସିଏଫ୍‌ଓ ପ୍ରଶାନ୍ତ କୁମାର କୁଅାଁର, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓବନ୍ଧ ଯୋଜନାର ଅଧୀକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, ବିଦ୍ୟୁତ୍ ବିଭାଗ ଏସଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, କରଞ୍ଜିଆ ତହସିଲଦାର ବିକାଶ ବେଶ୍ରା ଓ ପାଞ୍ଚ ବ୍ଲକର ବିଡିଓ, ତହସିଲଦାର, ସମସ୍ତ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ମଞ୍ଜୁ ଦାସ, ଦିଲ୍ଲୀପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

ସକାଳ THE SAKALA



www.sakalaepaper.com

ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠ

# ସୁନାବେଶ ଓ ମହାଦୀପ ଦର୍ଶନ ପରେ ସରିଲା ଜାଗର

ବାରିପଦା/ବଡ଼ସାହି/ମାଣତ୍ରୀ, ୧୬।୨(ସମିସ): ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମାଣତ୍ରୀସ୍ଥ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ମହାଦୀପ ଓ ସୁନାବେଶ ଦର୍ଶନ ପରେ ସୋମବାର ଜାଗର ଯାତ୍ରା ଶେଷ ହୋଇଛି। ତେବେ ମନ୍ଦିର ପ୍ରାଙ୍ଗଣରେ ମେଳା ୧୦ଦିନ ଧରି ଚାଲିବ।

ଲକ୍ଷାଧିକ ବ୍ରତୀ ମାନସିକ ପୂର୍ଣ୍ଣ ପାଇଁ ପୀଠ ସଂଲଗ୍ନ ଅସ୍ଥାୟୀ ଶିବିର ଓ ଖୋଲା ଆକାଶ ତଳେ ଦୀପ ଜାଳିଥିଲେ। ରବିବାର ରାତି ୧୧ଟାରେ ଦିଅଁଙ୍କ ସାଧାରଣ ଦର୍ଶନ ଓ ପୂଜା ବନ୍ଦ ହେବା ପରେ ନୀତି ଅନୁଯାୟୀ ମନ୍ଦିରକୁ ଧୋଇ ଦିଆଯାଇଥିଲା। ମଧ୍ୟରାତ୍ର ୧୨ଟାରେ ଶିବରାତ୍ରିର ବିଶେଷ ସହସ୍ର କୁମ୍ଭାଭିଷେକ ଆରମ୍ଭ ହୋଇ ୨ଟାରେ ଶେଷ ହୋଇଥିଲା। ରାତି ଅଢେଇଟାରେ ମହାଦେବଙ୍କଠାରେ ଶତଫଳ ଭୋଗ ଅର୍ପଣ ହୋଇଥିଲା। ଏହାପରେ ପାଲିଙ୍କି ଶୋଭାଯାତ୍ରା ପରିକ୍ରମା କରିଥିଲା।





ଆକର୍ଷଣୀୟ ବାଦ୍ୟ, ଅବିକଳ ଶିବଙ୍କ ବେଶରେ କଳାକାରଙ୍କୁ ନେଇ ଭକ୍ତଗଣ ପରିକ୍ରମା ସାରି ଫେରିବା ପରେ ସୁନାବେଶ ହେବା ସହିତ ଭୋର ୩ଟା ୫୦ମିନିଟରେ ମହାଦୀପ ବାହାରିଥିଲା। ପ୍ରବଳ ଉତ୍ସାହ ଓ ଉତ୍କଣ୍ଠାର ସହିତ ସହସ୍ରାଧିକ ଭକ୍ତ, ସେବାୟତ, ଉପାସକ କୀର୍ତ୍ତନ ଓ ରୋଷଣୀ ସାଙ୍ଗରେ ବେଢ଼ା ପରିକ୍ରମା କରିଥିଲେ। ଏହାପରେ ଭୋର ୪ଟା ୬ ମିନିଟରେ ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ମହାଦୀପ ଉଠିବା ସୂଚନା ପାଇଁ ବ୍ରତୀ ଦୀପ ଜାଳିବା ଶେଷ କରି ମନ୍ଦିରକୁ ଆସି ସୁନାବେଶ ଦର୍ଶନ କରିଥିଲେ। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ଧାଡ଼ି ବାନ୍ଧି ବେଶ ଦର୍ଶନ ପରେ ସାଧାରଣ ପୂଜା ଆରମ୍ଭ ହୋଇଥିଲା।

ପୀଠରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ସାଙ୍ଗକୁ ମହାଦେବଙ୍କୁ ସ୍ମରଣ ପାଇଁ ଧର୍ମ ଜାଗରଣ ସମନ୍ୱୟ କମିଟି, ମୟୂରଭଞ୍ଜ ଆନୁକୂଲ୍ୟରେ ଓଁ ନମଃ ଶିବାୟଃ ମହାଜପ ଜାଗର ଦିନ ଭୋର ୫ଟା ୩୦ ମିନିଟରୁ ଆରମ୍ଭ ହୋଇ ମହାଦୀପ ଉଠିବା ପରେ ଶେଷ ହୋଇଥିଲା। ଏଥିରେ ଶତାଧିକ ଭକ୍ତ ଅଂଶଗ୍ରହଣ କରି ମହାଜପ କରିଥିବାବେଳେ ଏପରି କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଇଥିଲା। ଜଣେ ମାଜିଷ୍ଟ୍ରେଟ ଓ ଜଣେ ଡିଏସପି, ୨ ଜଣ ଇନ୍ସପେକ୍ଟରଙ୍କ ସହିତ ୨ ପ୍ଲାଟୁନ ପୁଲିସ ଫୋର୍ସ ସାଙ୍ଗକୁ ବୈଶିଙ୍ଗା ପୁଲିସ ଯୋଜନାବଦ୍ଧ ଭାବେ ଭିଡ଼ ନିୟନ୍ତ୍ରଣ କରିଥିଲେ। ବିଭିନ୍ନ କଲେଜ ଓ ବିଦ୍ୟାଳୟର ସ୍ୱେଚ୍ଛାସେବୀ ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ଅଗ୍ନିଶମ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗ ଆବଶ୍ୟକ ପଦକ୍ଷେପ ଓ ସଚେତନତାମୂଳକ ବାର୍ତ୍ତା ଲୋକଙ୍କୁ ପ୍ରଦାନ କରିଥିଲେ।

ଯାତ୍ରାଶ୍ରୀ ଓଁକାର ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ ଚାଲିଥିବାବେଳେ ମନ୍ଦିର ପଡ଼ିଆରେ ମେଳା ଚାଲିଛି। ଏହି ମେଳାରେ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଓ ମାଣତ୍ରୀ ମଣ୍ଡଳ ବିଜେପି ପକ୍ଷରୁ ଭକ୍ତଙ୍କୁ ପିଇବା ପାଣି ବଣ୍ଟନ କରାଯାଇଥିଲା। ସେହିଭଳି ସତ୍ୟସାଇ ସେବା ସଂଗଠନ ଓ କୈଳାସ ଫିସେରୀ, ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ସରବତ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ବାରିପଦା ସଦର ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ନିଜେ ଭଜନ ପରିବେଷଣ କରିଥିଲେ। ଧର୍ମ ଜାଗରଣ ସମନ୍ୱୟ କମିଟି ଆନୁକୂଲ୍ୟରେ ଅସହାୟ ଲୋକଙ୍କୁ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଥିଲା।



## ଯଶିପୁର ଏନଏସି ୱାର୍ଡ ଓ ସଂରକ୍ଷଣ ତାଲିକା ପ୍ରକାଶ

କରଞ୍ଜିଆ, ୧୬।୨(ସମିସ): ନୂତନ ଯଶିପୁର ଏନଏସି (ବିଜ୍ଞାପିତ ପରିଷଦ ଅଞ୍ଚଳ) ର ୱାର୍ଡ ତାଲିକା ସହିତ କେଉଁ ୱାର୍ଡ କେଉଁ ବର୍ଗ ପାଇଁ ସଂରକ୍ଷିତ ଏହା ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜିଲ୍ଲା ନଗର ଉନ୍ନୟନ ଏଜେନ୍ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଏନଏସିର ୱାର୍ଡସଂଖ୍ୟା ୧୯ ରହିଛି। ଯଶିପୁର ସାମିଲ ମୌଡି ଓ ସଞ୍ଜୁନପୋଷି ୱାର୍ଡ ନମ୍ବର ୧, ଇଟାମୁଣ୍ଡି ଓ ମହୁଲପଦା ୱାର୍ଡ ନମ୍ବର ୨, ଆମ୍ବାବେନି, ଖାଲଦି ଓ ଦେଓଲା ୱାର୍ଡ ନମ୍ବର ୩, ମଦରଙ୍ଗାଯୋଡ଼ି, ଟୁଟୁନା, କାଜଳ, କଡପଡୁଗାଣ୍ଡି ୱାର୍ଡ ନମ୍ବର ୪, ମହାର୍ଦାପୋଲସା ୱାର୍ଡ ନମ୍ବର ୫, ଟେଲିପଳସା, କେନ୍ଦୁମୁଣ୍ଡି, କୁମ୍ଭଖଟିଆ, ଡାକରାବେଡା ୱାର୍ଡ ନମ୍ବର ୬, ଲିସୁଦରା ୱାର୍ଡ ନମ୍ବର ୭, ବସନ୍ତପୁର, କାଞ୍ଜିପିଆ, କୁଳିଯୋଡି, ବଡ଼ଯୁନପୋଷି, ମାଛକାନ୍ଦଣା ୱାର୍ଡ ନମ୍ବର ୮, ଜାମଦାସାହି ଓ ଯାଖେଝରି ୱାର୍ଡ ନମ୍ବର ୯, ଗୌଡ଼ଗାଁ ୱାର୍ଡ ନମ୍ବର ୧୦, ପଦ୍ମପୁର ଓ ଭୂପଦ ୱାର୍ଡ ନମ୍ବର ୧୧, ପଦ୍ମପୁର ଓ ଭଣ୍ଡାରିପୋଷି ୱାର୍ଡ ନମ୍ବର ୧୨, ଗଡ଼ତଳ ସାହି ୱାର୍ଡ ନମ୍ବର ୧୩ ଓ ୧୪, ନିମସାହି, ଯଶପୁର, ରରୁଆଁ ଛକ ୱାର୍ଡ ନମ୍ବର ୧୫, ଯଶିପୁର, ଶୁଦ୍ଧିବିଲ୍ଲା, କଳାପଥର ଓ ଧୋବାଡିହା ୱାର୍ଡ ନମ୍ବର ୧୬, ଅନକୁଲପୁର ଓ ଯଶିପୁର ୱାର୍ଡ ନମ୍ବର ୧୭, ବଟପାଣ୍ଟୁଗାଣ୍ଡି ୱାର୍ଡ ନମ୍ବର ୧୮, ଅଙ୍ଗାରପଦା ୱାର୍ଡ ନମ୍ବର ୧୯ ଗଠନ ହୋଇଛି। ଯଦି କାହାରି କିଛି ଆପତ୍ତି କିମ୍ବା ମତାମତ ଦେବାର ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ଗ୍ରହଣ କରାଯାଇ ବିଚାର କରାଯିବ। ଏହି ସମୟସୀମା ଅତିବାହିତ ହୋଇଯିବା ପରେ କୌଣସି ଆପତ୍ତି ବା ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୯ଟି ୱାର୍ଡରୁ ୧୧ଟି ଅନୁସୂଚିତ ଜାତି ଓ ଜନଜାତି (୫, ୧୦, ୧୧, ୧୩, ୧୭, ୧୯ ମହିଳା, ୩, ୭, ୧୨, ୧୪, ୧୬ ପୁରୁଷ) ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ (୧, ୨, ୮, ୧୮) ସାଧାରଣ ବର୍ଗ ଓ ମହିଳାଙ୍କ ପାଇଁ ଏବଂ ୪ଟି ୱାର୍ଡ (୪, ୬, ୯, ୧୫) ଅସଂରକ୍ଷିତ ବର୍ଗ ନିମିତ୍ତ ରହିଥିବା ଏହି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଅଠଣଗାଁ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉଦଳା, ୧୬।୨(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ଅଠଣଗାଁସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନ୍ଦିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା କମିଟି ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ଉଦଳା ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର ଓ ଶିକ୍ଷକ ପ୍ରଶିକ୍ଷକ ପ୍ରିୟରଞ୍ଜନ ଦାସ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ସବକୁ

ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମିନତୀ ପଣ୍ଡା, ସିଆରସିସି ଦୀପକ କୁମାର ଦାସ, ଶ୍ୟାମାଖୁଣ୍ଟା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଦୀପ୍ତିମୟୀ ସିଂ, ସ୍ଥାନୀୟ ସରପଞ୍ଚ ବିଜୟା ମୁର୍ମୁ, ଶିକ୍ଷକ ଅକ୍ଷୟ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜେମାମଣି ସେଠୀ ଓ ପରିଚାଳନା କମିଟି ସଭାପତି ମାନସ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ମଧ୍ୟର ଲୁଚି ରହିଥିବା ପ୍ରତିଭାକୁ ଚିହ୍ନଟ କରି ଏହାର ବିକାଶରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଙ୍ଗୀତା ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଟୁଇଁକିଲ ନାୟକ ଓ ରଶ୍ମିତା ମିଶ୍ର ସହଯୋଗ କରିଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶରତ, ୧୬।୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଏସଏସଡି ଉଚ୍ଚବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୯ଟି ପଞ୍ଚାୟତର ୩୮୨ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ଜିଲ୍ଲାରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଯୋଗଦେଇ ୫୭ ଜଣ ଦୃଷ୍ଟିବାଧିତ, ୫୨ ଜଣ ମାନସିକ ଅନଗ୍ରସର, ୪୬ ଜଣ ଶ୍ରବଣବାଧିତ, ୨୧୯ ଜଣ ଅସ୍ଥିଶଲ୍ୟ ଦିବ୍ୟାଙ୍ଗ ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ୮ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏ ଅବସରରେ ୧୪୩ ଜଣଙ୍କୁ ପ୍ରମାଣପତ୍ର, ୨ ଜଣଙ୍କୁ ଦକ୍ଷତା ପ୍ରମାଣପତ୍ର, ୧୬୭ ଜଣଙ୍କୁ ବସ୍ ପାସ ପ୍ରଦାନ କରାଯାଇଥିଲା। ୧୨ ଜଣଙ୍କୁ ଆବାସ ଯୋଜନାରେ ଘର ପାଇଁ ହିତାଧିକାରୀ ଚୟନ କରାଯାଇଥିଲେ। ଏହି କାର୍ଯ୍ୟକ୍ରମକୁ କାହ୍ନୁଚରଣ ସୋରେନ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧ୍ୟରେ ବିଡିଓ ରେଶମା ଟେଟେ, ତହସିଲଦାର ଆଶିଷ କୁମାର ମହାପାତ୍ର, ଏବିଡିଓ ବିଦ୍ୟାଭାରତୀ ନାଏକ, ଏସଏସଓ ମୁରଲୀଧର ଚାନ୍ଦ, ନଟୋ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ତପନ କୁମାର ରାଉତ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ପୁଲିସ ଶାନ୍ତିଶୃଙ୍ଖଳା ବଜାୟରଖିବା ଦିଗରେ ସହଯୋଗ କରିଥିଲା।

ବସ୍‌ଷ୍ଟାଣ୍ଡ ନିକଟରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## ହତ୍ୟାକାଣ୍ଡ ଅଭିଯୋଗ କଲେ ପରିବାର

ରାଇରଙ୍ଗପୁର/କରଞ୍ଜିଆ, ୧୬।୨(ସମିସ): କରଞ୍ଜିଆ ବସ୍‌ଷ୍ଟାଣ୍ଡ ନିକଟରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛିବା ପରିବାର ଲୋକ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ ନୂଆସାହି, ୱାର୍ଡ ନମ୍ବର ୧୨ର ଦିନେଶ ସାହୁ। ତାଙ୍କର ପୂର୍ବରୁ ସ୍ତ୍ରୀଙ୍କ ସହ ପାରିବାରିକ କଳହ ଲାଗି ରହିଥିଲା। ତାଙ୍କ ସ୍ତ୍ରୀ ସିନୁ ସାହୁ ବାପା ଘରେ ଥିବାବେଳେ ସେ କୌଣସି କାମ ପାଇଁ ତାଙ୍କ ଘରକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀ ଶାଶୂ ଘର ଲୋକଙ୍କୁ ଫୋନ କରିଥିଲେ। ତାଙ୍କ ପୁଅକୁ ନେଇଯିବାକୁ କହିଥିଲେ। ନଚେତ ତାଙ୍କ ଭାଇମାନେ ହତ୍ୟା କରି ଫିଙ୍ଗି ଦେବେ ବୋଲି ଧମକ ଦେଉଛନ୍ତି। ଏହାପରେ ଦିନେଶଙ୍କ କୌଣସି ଖୋଜ ଖବର ମିଳି ନ ଥିଲା। ପରଦିନ ସକାଳୁ ବସଷ୍ଟାଣ୍ଡ ନିକଟ ଗଛରୁ ଦିଦେଶଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା କରଞ୍ଜିଆ ଥାନାରେ ଦିନେଶଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବିଜୁ ମହିଳା ଜନତା ଦଳର ରାଜ୍ୟ କମିଟିରେ ମୟୂରଭଞ୍ଜର ୫ଜଣ



ବାରିପଦା, ୧୬।୨(ସମିସ): ବିଜୁ ମହିଳା ଜନତା ଦଳର ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ନାମ ପ୍ରକାଶ ପାଇଛି। ରାଜ୍ୟସ୍ତରରେ ଜୋନାଲ ସଭାନେତ୍ରୀ ଭାବେ ପ୍ରୀତିନନ୍ଦା କାନୁନଗୋଙ୍କ ନାମ ରହିଛି। ତେବେ ମୟୂରଭଞ୍ଜ-୧ ଓ ମୟୂରଭଞ୍ଜ-୨ ଦୁଇ ସଂଗଠନ ଜିଲ୍ଲା ପାଇଁ ମହିଳା ବିଜେଡିର ସଭାନେତ୍ରୀ କିମ୍ବା କାର୍ଯ୍ୟକାରୀ ସଭାନେତ୍ରୀଙ୍କ ନାମ ଘୋଷଣା ହୋଇ ନ ଥିବାବେଳେ ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପସଭାନେତ୍ରୀ ଭାବେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାରୁ କାହାର ନାମ ନ ଥିବା ଜଣାପଡ଼ିଛି। କିନ୍ତୁ ଘୋଷଣା କରାଯାଇଥିବା ୫୧ ଜଣ ରାଜ୍ୟସ୍ତରୀୟ ସାଧାରଣ ସମ୍ପାଦିକାଙ୍କ ମଧ୍ୟରୁ ମୟୂରଭଞ୍ଜର ୩ ଜଣ ସାଧାରଣ ସମ୍ପାଦିକା ଭାରତୀ ହାଁସଦା, ସୀମା ଦାସ ଓ ସବିତା ବେହେରା ରହିଛନ୍ତି। ରାଜ୍ୟସ୍ତରୀୟ ସମ୍ପାଦିକା ଭାବେ ମୟୂରଭଞ୍ଜରୁ ଶ୍ରାବଣୀ ଦାସ ରହିଛନ୍ତି। ସମସ୍ତଙ୍କୁ ଜିଲ୍ଲା ଦଳୀୟ ସଂଗଠନ ପକ୍ଷରୁ ଅଭିନନ୍ଦନର ସୁଅ ଛୁଟିଥିବାବେଳେ ସେମାନେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଜିଲ୍ଲା ସଭାପତି ସୁଦାମ ମାରାଣ୍ଡିଙ୍କୁ କୃତଜ୍ଞତା ଜଣାଇଛନ୍ତି।

● ଫଳକ ଲଗାଇ ଅପେକ୍ଷା କଲେ

## ଆସିଲେନି ବିଧାୟକ ଓ ସାଂସଦ

ବେତନଟୀ, ୧୬।୨(ସମିସ): ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦହିକୋଟୀ ଗ୍ରାମରେ ଥିବା ବାବା ତ୍ରିକୁଟେଶ୍ୱର ମନ୍ଦିରର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ ଲକ୍ଷ ବ୍ୟୟ ଅଟକଳ ହୋଇ ମହାଶିବରାତ୍ରି ପୂର୍ବରୁ କାର୍ଯ୍ୟ ସରିଯାଇଥିଲା। ଗ୍ରାମର ଯୁବକ ବେଶ ଆନନ୍ଦରେ ମନ୍ଦିର କାର୍ଯ୍ୟ କରିଥିଲେ। ଏହି ଉନ୍ନୟନ କାର୍ଯ୍ୟର ଉଦଘାଟନ ନିମନ୍ତେ ବାଲେଶ୍ୱର ସାଂସଦ ଓ ବଡ଼ସାହି ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କ ନାମଫଳକ ଲଗାଇଥିଲେ। ମାତ୍ର ଗ୍ରାମର ଯୁବକ ସାଂସଦ ଓ ବିଧାୟକଙ୍କ ସହ ଯୋଗାଯୋଗ ପୂର୍ବକ ଅପେକ୍ଷା କରିଥିଲେ। ମାତ୍ର ନିର୍ଦ୍ଧାରିତ ସମୟର ଅନେକ ସମୟ ଅପେକ୍ଷା କରିଥିଲେ ମଧ୍ୟ ସେମାନେ ନ ଆସିବାରୁ ୩୫ନଂ ଜୋନ ମଣ୍ଡଳ ସଭାପତି ଏହାକୁ ଉଦଘାଟନ କରିଥିଲେ। ଫଳରେ ଆୟୋଜକଙ୍କ ମୁହଁ ଫିକା ପଡ଼ିଯାଇଥିଲା। ସେମାନେ ସେଠାରୁ ପଳାଇଯାଇଥିବାର ଦେଖାଯାଇଥିଲା। ସାଂସଦ ଓ ବିଧାୟକ ନିକଟକୁ ଆସି ଏଠାକୁ ନ ଆସିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

ପରିଚ୍ଛନ୍ନତା ପ୍ରତି ନାହିଁ ନିଘା

## ଅସ୍ୱାସ୍ଥ୍ୟକର ପରିବେଶରେ ଖଜୁରୀ ସାଗର ବିଦ୍ୟାଳୟ

କରଞ୍ଜିଆ, ୧୬।୨(ସମିସ): କରଞ୍ଜିଆ ଅଞ୍ଚଳରେ ଥିବା ଖଜୁରୀ ସାଗର ବିଦ୍ୟାଳୟ ପରିସରର ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟ ଗେଟ୍ ନିକଟରେ ଗଦା ଗଦା ଅଇଁଠା






ଖଲି ପତ୍ର, ବ୍ୟବହୃତ ପତ୍ରପାତ୍ର ଓ ଅନ୍ୟାନ୍ୟ ଆବର୍ଜନା ଦୀର୍ଘଦିନ ଧରିପଡ଼ିରହିଥିବା ଦୃଶ୍ୟ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସ୍ଥାନୀୟ କେତେକ ବ୍ୟକ୍ତିଙ୍କ ଅଭିଯୋଗ ପରେ ଆମ କରଞ୍ଜିଆ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ନିରୀକ୍ଷଣ କରିଥିଲେ। ସେଠାରେ ନାଳ ନିକଟରେ ଅସ୍ତବ୍ୟସ୍ତ ଭାବେ ଫୋପଡ଼ା ଯାଇଥିବା ଖଲି ଓ ଅନ୍ୟାନ୍ୟ ପଚା ଆବର୍ଜନାରୁ ଦୁର୍ଗନ୍ଧ ଆସୁଥିବା ଦେଖାଯାଇଥିଲା।

ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ସେବତୀ ଲତା ନାୟକଙ୍କୁ ଭେଟି ଏପରି ଅପରିଷ୍କାର ପରିବେଶର କାରଣ ପଚାରିବାରୁ ସେ କହିଥିଲେ, କିଛି ଦିନ ପୂର୍ବରୁ ବ୍ଲକ ସ୍ତରର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଏକ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ସେହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ଲକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏପରି ଅଇଁଠା ଖଲି ପତ୍ର ଓ ପତ୍ରପାତ୍ରକୁ ଯଥାଯଥ ଭାବେ ପରିଚାଳନା ନ କରି ଫୋପାଡ଼ି ଦେଇଥିବାରୁ ଏହି ପରିସ୍ଥିତି ଉପୁନ୍ନ ହୋଇଛି। ତେବେ ଯଥାଶୀଘ୍ର ସ୍ଥାନଟି ପରିଷ୍କାର କରାଯିବ ବୋଲି ସେ କହିଥିହେଲ। ଏପଟେ ଆସନ୍ତା କିଛି ଦିନ ମଧ୍ୟରେ ମାଟ୍ରିକ ପରୀକ୍ଷା ହେବାକୁ ଥିବାବେଳେ ଏହି ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ହେବା ସମ୍ଭାବନା ରହିଛି। ଯଦି ଏଭଳି ଅସ୍ୱଚ୍ଛ ପରିବେଶରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ, ତେବେ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହେବା ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବନାହିଁ। ପ୍ରତିଦିନ ସକାଳେ ଶତାଧିକ ଛୋଟ ଛୋଟ ପିଲା ବିଦ୍ୟାଳୟକୁ ଆସୁଥିବାବେଳେ



ତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି କିଏ ଦାୟୀ ହେବେ ବୋଲି ପ୍ରଶ୍ନ ଉଠୁଛି। ଗୋଟିଏ ପଟେ ସରକାର ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଥିବାବେଳେ ଅନ୍ୟପଟେ ଶିକ୍ଷା ସଂସ୍ଥାନ ପରିସରରେ ଏପରି ଅବସ୍ଥା ଦେଖିବାକୁ ମିଳିବା ଦୁଃଖର ବିଷୟ। ସ୍ୱଚ୍ଛତା କେବଳ ଅଭିଯାନ କିମ୍ବା ସ୍ଲୋଗାନ୍‌ରେ ସୀମିତ ନ ରହି, ପ୍ରାୟୋଗିକ ଭାବେ ରୂପାୟିତ ହେବା ଦରକାର ବୋଲି ସାଧାରଣର ମତ ପ୍ରକାଶ ପାଇଛି। ଏ ପରିପ୍ରେକ୍ଷୀରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ତତ୍କାଳ ହସ୍ତକ୍ଷେପ ଓ ସ୍ଥାୟୀ ସମାଧାନ ପ୍ରୟୋଜନୀୟ ଅଟେ।

■ ସୀମାନ୍ତ ଜିଲ୍ଲା ବୈଶିଙ୍ଗା ଅପରାଧିଙ୍କ ଚରାଭୂଇଁ

## ହେଉଛି ଅଶାନ୍ତ, କଥା କଥାରେ ଫୁଟୁଛି ଗୁଳି

ବୈଶିଙ୍ଗା, ୧୬।୨ (ସମିସ): ବୈଶିଙ୍ଗା ଥାନାଞ୍ଚଳ ର ବାଲେଶ୍ୱର ଜିଲ୍ଲାରୁ ଦୁର୍ବୃତ୍ତ ଆସି ଆତଙ୍କ ଖେଳାଉଛନ୍ତି। ବିଗତ କିଛିଦିନ ହେବ ଲଗାତର ଡକାୟତି ଓ ଛିନତାଇ ଘଟଣା ପରେ ଶୁକ୍ରବାର ରାତିରେ ପୁଣି ଢାବା ମାଲିକକୁ ମରଣାନ୍ତକ ଆକ୍ରମଣ କରି ଲୁଟିଲେ ନଗଦ ଟଙ୍କା ସହ ସୁନା ଚେନ। ଲୁଟ ପରେ ଗୁଳି ଫୁଟାଇ ଘଟଣାସ୍ଥଳରୁ ଖସିଯାଉଥିବାବେଳେ ଜଣଙ୍କୁ କାବୁ କରିନେଲେ ଢାବା କର୍ମଚାରୀ ଓ ପରେ ଅନ୍ୟ ଜଣଙ୍କୁ ଗୋଡେଇ ଗୋଡେଇ ବୈଶିଙ୍ଗା ପୁଲିସ ଧରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ସ୍କର୍ପିଓ କାର, ୩ଟି ବାଇକ ସମେତ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ ହୋଇଥିଲା।

ସୂଚନା ମୁତାବକ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳର ରାଜେନ୍ଦ୍ର ହାତୀଙ୍କ ବୈଶିଙ୍ଗା ଉପକଣ୍ଠ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ଖଇରିବଣି ଛକ ନିକଟରେ ରୟାଲ ନାମକ ଢାବା ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଢାବା ବନ୍ଦ କରି ରାଜେନ୍ଦ୍ରଙ୍କ ସମେତ କର୍ମଚାରୀ ବିଶ୍ରାମ ନେଉଥିବା ସମୟରେ ବାଲେଶ୍ୱର ଜିଲ୍ଲା ଅଞ୍ଚଳର ଏକାଧିକ ଯୁବକ ବିଭିନ୍ନ ମାରଣାସ୍ତ୍ର ସହିତ ଏକ ସ୍କର୍ପିଓ ଓ ୩ଟି ବାଇକରେ ଆସିଥିଲେ। ସେଥି ମଧ୍ୟରୁ କିଛି ଯୁବକ ସ୍କର୍ପିଓରେ ରାସ୍ତା ପାର୍ଶ୍ୱରେ ବସି ରହିଥିବାବେଳେ ଅନ୍ୟମାନେ ଗାଡ଼ିରୁ ଓହ୍ଲାଇ ଢାବା ନିକଟକୁ ଯାଇ ଖାଇବାକୁ ମାଗି ଗେଟକୁ ଗୋଇଠା ମାରିଥିଲେ। ପରେ ଢାବା ମାଲିକ ଓ କର୍ମଚାରୀ ବାହାରି ଆସିବାରୁ ସେମାନଙ୍କୁ ଆତର୍କିତ ଛୁରୀ ଓ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଚା’ ଦୋକାନୀ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମାଡ଼ ମାରି ତାଙ୍କ ହାତ ଭାଙ୍ଗି ଦେଇଥିଲେ। ପରେ ଢାବା କର୍ମଚାରୀ ମିଶି ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବାବେଳେ ସେମାନେ ଫାଙ୍କା ଗୁଳି ଚାଳନା କରି ହୋଟେଲ ମାଲିକଙ୍କ ସୁନା ହାର ଓ ନଗଦ ୧୮ ହଜାର ଟଙ୍କା ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ସେମାନଙ୍କ ମଧ୍ୟରୁ କ୍ଷିତୀଶ ଦାସ ନାମକ ଯୁବକକୁ ଢାବା କର୍ମଚାରୀ କାବୁ କରିନେଇଥିଲେ ଓ ପୁଲିସକୁ ଖବର ଦେଇଥିଲେ। ପରେ ବୈଶିଙ୍ଗା ପୁଲିସ ଜାତୀୟ ରାଜପଥରେ ପିଛା କରି ସ୍କର୍ପିଓ, ୩ଟି ବାଇକ ସମେତ ଅନ୍ୟ ୩ଜଣ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିଲେ। ସେମାନେ ହେଲେ ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଅଧୀନସ୍ଥ



କୁକୁଡ଼ାପଦା ଅଞ୍ଚଳର ସୁରଜ ମହାନ୍ତି, ସିଂଲା ଥାନା ଅଞ୍ଚଳର ଅକ୍ଷୟ ମହାନ୍ତି ଓ ସଦର ଥାନା ଅଧୀନ ସାହୁପଡ଼ା ଅଞ୍ଚଳର ରତିକାନ୍ତ ସ୍ୱାଇଁ। ପରେ ରାଜେନ୍ଦ୍ରଙ୍କ ଅଭିଯୋଗ ପରେ ପୁଲିସ ୬୮/୨୬ରେ ମାମଲା ରୁଜୁ କରି ୪ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ସରୋଜ ଜେନା ସୂଚନା ଦେଇଛନ୍ତି।

## ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ସୋର,୧୬।୨(ସମିସ):** ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଡିଗିଭଅଁରା ଦେବଗିରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରଛାତ୍ରୀ ଭଲ ପାଠ ପଢ଼ିବା ସହିତ ବିଦ୍ୟାଳୟର, ପରିବାର ଏବଂ ଦେଶର ନାମ ରଖିବା ପାଇଁ ଭଲ ମଣିଷ ହେବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ ଯୋଗଦେଇ ପିଲାମାନଙ୍କର ପ୍ରତିଭା ବିକାଶରେ ଶିକ୍ଷକ ଅଭିଭାବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପନୀତା ପଣ୍ଡା, ସମିତି ସଭ୍ୟା ସସ୍ମିତା ବେହେରା, ବ୍ଲକ ସହଶିକ୍ଷାଧିକାରୀ ସୋମନାଥ ଦାସ, ଶଙ୍କର୍ଷଣ ବାରିକ, ଶିକ୍ଷକ ସଂଘର ସଭାପତି ମହେଶ୍ୱର ବେହେରା, ସଂପାଦକ ରମାକାନ୍ତ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଶିକ୍ଷକ ଜ୍ଞାନେନ୍ଦ୍ର କୁମାର ପରମାଣିକ, ରବୀନ୍ଦ୍ର ନାଥ ନାୟକ ଓ ନାରାୟଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କ୍ୟତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନାରାୟଣ ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଅନ୍ନପୂର୍ଣ୍ଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଭାପତି ଉତ୍ତମ କୁମାର ନାୟକ, ଶିକ୍ଷୟିତ୍ରୀ କବିତା ବେହେରା, ଜ୍ୟୋସ୍ନାଗିରି, ସଂଯୁକ୍ତା ସାମଲ ପ୍ରମୁଖ ପରିଚାଳନନା କରିଥିଲେ।

## ସୁନିତୀ ସିଂଙ୍କୁ ଭେଟିଲେ ପୂର୍ବତନ ବିଧାୟକ



**ନୀଳଗିରି, ୧୬।୨ (ସମିସ):** ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୧୫ତାରିଖରେ ବିଜୁଜନତା ଦଳ ମହିଳା ଟିମ୍‌ର ନବକଳେବର କରିଥିବା ବେଳେ ଏହି ଟିମରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ତେଣ୍ଡା ଗ୍ରାମର ଆଦିବାସୀ ନାରୀନେତ୍ରୀ ସୁନିତୀ ସିଂଙ୍କୁ ଦଳ ତରଫରୁ ବଡ଼ ଭୂମିକା ମିଳିଛି। ଶ୍ରୀମତୀ ସିଂଙ୍କ କାର୍ଯ୍ୟଦକ୍ଷତା ଏବଂ ଦଳପ୍ରତି ଆନୁଗତ୍ୟ ପାଇଁ ବିଜୁ ଜନତାଦଳ ମହିଳା ବ୍ରିଗେଡର ବରିଷ୍ଠ ଉପସଭାପତି ପଦବୀ ମିଳିଛି। ତାଙ୍କ ନିଯୁକ୍ତି ପରେ ବାଲେଶ୍ୱର ସମେତ ନୀଳଗିରି ନିର୍ବାଚନ ମଣ୍ଡଳୀରେ କର୍ମୀ ଏବଂ ନେତାଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ସହିତ ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବୀ ମଦନମୋହନ ମାଝୀ, ବିଜେଡ଼ି ଯୁବନେତା ଉଦୟଜ୍ୟୋତି ମହାନ୍ତି, ଉପେନ୍ଦ୍ର ନାୟକଙ୍କ ସମେତ ବହୁ ବିଜେଡ଼ି କାର୍ଯ୍ୟକର୍ତ୍ତା ଶ୍ରୀମତୀ ସିଂଙ୍କ ବାସଭବନରେ ପହଞ୍ଚି ସୌଜନ୍ୟମୂଳକ ସାକ୍ଷାତକରିବା ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ତାଙ୍କର ମାର୍ଗଦର୍ଶନରେ ଦଳ ମଜଭୁତ ହେବା ସହିତ ମହିଳାମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ପ୍ରତିନିଧିତ୍ୱ ଉପରେ ଅଧିକ ଗୁରୁତ୍ୱଦେବାକୁ ଏହି ପ୍ରତିନିଧିମାନେ ଜଣାଇଥିଲେ। ଏହି ଅବସରରେ ଦଳ ଏବଂ ସୁପ୍ରିମୋ ତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବାଲି ମାଫିଆଙ୍କ କବ୍‌ଜାରେ ସୋନ ନଦୀ

ବାଲେଶ୍ୱର, ୧୬।୨ (ସମିସ)





ବାଲେଶ୍ୱର ଜିଲ୍ଲାରେ ଚୋରା ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଅହେତୁକ ବୃଦ୍ଧି ପାଉଥିବାବେଳେ ଚେଇଁ ଶୋଇଛି ଜିଲ୍ଲା ପ୍ରଶାସନ। ସ୍ପଷ୍ଟ ଦିବାଲୋକରେ ଖୁଲମ ଖୁଲା ଆଖିରେ ଆଙ୍ଗୁଠି ଗେଞ୍ଜି ରାଜସ୍ୱ ଲୁଟ ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଫେଲ୍ ମାରିଛି ଖଣି ବିଭାଗ। ଯାହାର ଜ୍ୱଳନ୍ତ ଉଦାହରଣ ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ରେମୁଣା ବ୍ଲକ ଦେଇ ପ୍ରବାହିତ ହୋଇଥିବା ସୋନ ନଦୀରେ ଦେଖିବାକୁ ମିଳିଛି। ପ୍ରତିଦିନ ବାଲିମାଫିଆ ମାନେ ସ୍ପଷ୍ଟ ଦିବାଲୋକରେ ଭେଲା ସାହାଯ୍ୟରେ ନଦୀରୁ ବାଲି ଉଠାଇ ଟ୍ରାକ୍ଟର ସାହାଯ୍ୟରେ ଶହ ଶହ ଟ୍ରିପ ଚୋରା ଚାଲାଣ କରୁଛନ୍ତି। ଖବର ଅନୁସାରେ ନୀଳଗିରି ଏବଂ ରେମୁଣା ବ୍ଲକ ଦେଇ ସୋନ ନଦୀ ପ୍ରଭାବିତ ହୋଇ ବୁଢ଼ାବଳଙ୍ଗ ନଦୀରେ ମିଶିଛି। ବର୍ତ୍ତମାନ ବାଲିର ଦର ବୃଦ୍ଧି ଯୋଗୁଁ ନୀଳଗିରି ଏବଂ ରେମୁଣା ବ୍ଲକରେ ବାଲି ମାଫିଆମାନେ ସକ୍ରିୟ ହୋଇଛନ୍ତି। ନୀଳଗିରି ତହସିଲ ଅଧୀନ ବାଲିପାଳ ଏବଂ ରେମୁଣା ତହସିଲଦାର ଅଧୀନ ହାତୀଆଗଣ୍ଡ ଦେଇ ଯାଇଥିବା ଏହି ସୋନ ନଦୀରୁ ବାଲି ମାଫିଆମାନେ କିଛି ଶ୍ରମିକଙ୍କୁ ଅଳ୍ପ କିଛି ଟଙ୍କା ଦେଇ ପ୍ଲାଷ୍ଟିକ ଡ୍ରମ ଉପରେ ପଟା ଦେଇ ଭେଳା ପ୍ରସ୍ତୁତ କରି ସେହି ଭେଳା ସାହାଯ୍ୟରେ ବେଆଇନ ବାଲି ଉତ୍ତୋଳନ କରି କୂଳକୁ ଆଣି ଗଦା କରୁଛନ୍ତି। ପରେ ଟ୍ରାକ୍ଟର ସାହାଯ୍ୟରେ ଟ୍ରିପ ଟ୍ରିପ ବାଲିକୁ ବିକି ମାଫିଆ ମାଲେମାଲ ହେଉଛନ୍ତି। ରେମୁଣା ବ୍ଲକ ହାତୀଆଗଣ୍ଡ ନିକଟରେ ସୋନ ନଦୀରେ ସ୍ପଷ୍ଟ ଦିବାଲୋକରେ ୧୦ ରୁ ଉର୍ଦ୍ଧ ଭେଳା ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଛି। ଜିଲ୍ଲା ପ୍ରଶାସନ ବାଲି ଘାଟକୁ ନୀଲାମ ଦେଉନଥିବା ବେଳେ ସକ୍ରିୟ ହୋଇଛନ୍ତି ବାଲି ମାଫିଆ। ଚୋରା ବାଲି ଉତ୍ତୋଳନ କରାଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ଖଣି ବିଭାଗର ଅଙ୍କୁଶ ନ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି

**● ସ୍ପଷ୍ଟ ଦିବାଲୋକରେ ନଦୀରୁ ଖୋଳୁଛନ୍ତି ବାଲି**

**● ସ୍ଥାଣୁ ପାଲଟିଛି ଖଣି ବିଭାଗ**

ରାଜସ୍ୱ ଲୁଟ ସ୍ଥଳେ ବିଭାଗ ସ୍ଥାଣୁ ପାଲଟିବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିଦିନ ରେମୁଣା ଏବଂ ନୀଳଗିରି ତହସିଲ ଅଞ୍ଚଳରୁ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ଲୁଟବେଳେ କେବଳ ମାଟି ଟ୍ରାକ୍ଟରକୁ ଧରି ବାହାବା ନେଉଛି ଖଣି ବିଭାଗ। କେବଳ ସେତିକି ନୁହଁ ଜିଲ୍ଲାରେ ପ୍ରତିଦିନ ବେଆଇନ ଚୋରା ବାଲି, ପଥର, ମୋରମ ମାଟି ଚୋରା ଚାଲାଣ କରାଯିବା ସହ ସ୍ଥାନୀୟ ଅଞ୍ଚଳ ସମେତ ପଶ୍ଚିମବଙ୍ଗ ସୀମାନ୍ତ ପର୍ଯ୍ୟନ୍ତ ଯାଉଛି। କୋଟି ଟଙ୍କାର ରାଜସ୍ୱ ହାନି ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ଖଣି ବିଭାଗ, ପୁଲିସ ସବୁ ଦେଖି ନ ଦେଖିବା ପରି ଅଭିନୟ କରିବା ଅନ୍ୟ ଦିଗ ଆଡ଼କୁ ଇସାରା କରୁଛି। ସେପଟେ ଜିଲ୍ଲା ତଥା ତହସିଲ ପ୍ରଶାସନର ଅଧିକାରୀ ନିଜର ଦାୟିତ୍ୱକୁ ବ୍ୟକ୍ତିଗତ ସ୍ୱାର୍ଥ କାରଣରୁ ସଠିକ ଢଙ୍ଗରେ ନିଭାଉ ନ ଥିବାରୁ ରାଜସ୍ୱ ଲୁଟ କମିବା ପରିବର୍ତ୍ତେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀ ବ୍ୟକ୍ତିଗତ ସ୍ୱାର୍ଥ ଛାଡ଼ି ରାଜସ୍ୱ ଆଦାୟ ଦିଗରେ ଚିନ୍ତାକଲେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା କୁହନ୍ତି ଆମେ ନିୟମିତ ଚଢ଼ଉ କରୁଛୁ, ଖଣି ବିଭାଗ ଚୋରା ଚାଲାଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛି। ଅଭିଯୋଗ ଆସିଲେ ତୁରନ୍ତ ଚଢ଼ାଉ କରାଯାଇ ଜବତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିପରି ଉପଜିଲ୍ଲାପାଳ ଶିବ ମାଳଭ୍ୟା କହିଛନ୍ତି ଚୋରା ଚଲାଣ ସମ୍ପର୍କରେ ସୂଚନା ମିଳିଲେ ଆମେ ମିଳିତ ଭାବେ ଚଢ଼ଉ କରୁଛୁ। ସୋନ ନଦୀରୁ ବାଲି ଚୋରା ଚାଲାଣ ରୋକିବା ଦିଗରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ଆସାଧୁ ବ୍ୟକ୍ତି ବେଆଇନ ଭାବେ ସେଠାରେ ବାଲି ମହଜୁଦ କରି ରଖିଥାଏ, ତେବେ ତାହାକୁ ମଧ ଜବତ କରାଯାଇ ତାଙ୍କ ବିରୋଧରେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନୀହାରକନ୍ୟା ପ୍ରତିଭା ସମ୍ମାନ ଘୋଷିତ



**ସୋର, ୧୬।୨(ସମିସ):** ଚଳିତ ବର୍ଷ ନୀହାରକନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା ପ୍ରତିଭାଙ୍କର ନାମ ଘୋଷିତ ହୋଇଛି। ଆଗାମୀ ମାର୍ଚ୍ଚ ଏକ ତାରିଖରେ ସଂସଦର ୨୯ତମ ବାର୍ଷିକ ଉତ୍ସବରେ ପ୍ରତିଭାଧରମାନଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷ "ନୀହାରକନ୍ୟା ସାରସ୍ୱତ ସମ୍ମାନ' ପାଇବେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଲକ୍ଷ୍ମୀକାନ୍ତ ତ୍ରିପାଠୀ। ସେହିପରି ବିଶିଷ୍ଟ କବି ବିଜୟ ମହାପାତ୍ରଙ୍କୁ ନୀହାରକନ୍ୟା କବିତା ସମ୍ମାନ, ଗାଳ୍ପିକ ଆଦିତେଶ୍ୱର ମିଶ୍ରଙ୍କୁ ଗଳ୍ପ ସମ୍ମାନ, ବିଶିଷ୍ଟ ଶିଶୁସାହିତ୍ୟିକ ଦେବେନ୍ଦ୍ର ଚୌଧୁରୀଙ୍କୁ ନୀହାରକନ୍ୟା ଶିଶୁ ସାହିତ୍ୟ ସମ୍ମାନ, ପଞ୍ଚବଟୀ ସଂପାଦକ କବି ସୁଶାନ୍ତ କୁମାର ନାୟକଙ୍କୁ ବିତନୁ ନାୟକ ସାରସ୍ୱତ ସମ୍ମାନ, କବି ଉମାକାନ୍ତ ରାଉତଙ୍କୁ ରମାମଣି ପାତ୍ର କବିତା ସମ୍ମାନ, ବିଶିଷ୍ଟ ନାଟ୍ୟକାର ଡ.ରମେଶ ଚନ୍ଦ୍ର ମିଶ୍ରଙ୍କୁ ନୀହାରକନ୍ୟା ନାଟ୍ୟ ସମ୍ମାନ, କବୟିତ୍ରୀ ରିତାଞ୍ଜଳି ମହାରଣାଙ୍କୁ ଗଦାଧର ପତି ସ୍ମୃତି ସମ୍ମାନ, କବି ବିପ୍ଳବ ରଂଜନ ପତିଙ୍କୁ ଦିବ୍ୟସିଂହ ଦାସ ଅଧିକାରୀ କବିତା ସମ୍ମାନ, କବୟିତ୍ରୀ ପ୍ରତିଭା ଖିଲାରଙ୍କୁ ବିଦ୍ୟୁତପ୍ରଭା ପାଣି ସ୍ମୃତି ସମ୍ମାନ, ଗାଳ୍ପିକ ସଂଜୟ ପଣ୍ଡାଙ୍କୁ ରଜନୀ ମିଶ୍ର ସ୍ମୃତି ସମ୍ମାନ, ଗାଳ୍ପିକା ସ୍ନେହଲତା ଦାସଲେଙ୍କାଙ୍କୁ କଳ୍ପନା ପତି ସ୍ମୃତି ସମ୍ମାନ, କବୟିତ୍ରୀ ରଂଜିତା ପଣ୍ଡାଙ୍କୁ ନୀହାରକନ୍ୟା ସମ୍ମାନ ଓ କବି ବଳବନ୍ତ ସାହୁଙ୍କୁ ନୀହାରକନ୍ୟା ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ଅନୁଷ୍ଠିତ ଚୟନ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଂପର୍କରେ ସଂପାଦକ ସୁରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

## ବିଦାୟ ସମାବେଶ ଓ ଜ୍ଞାନ ସମୀକ୍ଷା ଆଲୋଚନାଚକ୍ର

**ନୀଳଗିରି, ୧୬।୨ (ସମିସ) :** ସୋମବାର ନୀଳଗିରି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଶିକ୍ଷା ଅନୁଷ୍ଠାନ ଡିଭାଇନ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡିଭାଇନ ଟ୍ୟୁଟୋରିଆଲ ପ୍ରାଙ୍ଗଣରେ +୨ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କ ଆଗାମୀ ଭବିଷ୍ୟତ ନିମନ୍ତେ ଏକ ବିଦାୟ ସମାବେଶ ଓ ଜ୍ଞାନ ସମୀକ୍ଷା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମ ରେ ନୀଳଗିରି ଥାନାର ଆରକ୍ଷୀ ଅଧିକାରୀ (ଏସ.ଡି.ପି.ଓ) ପ୍ରମୋଦ କୁମାର ମଲ୍ଲିକ ( ଅତିରିକ୍ତ ଏସ୍.ପି)ଙ୍କ ଉପସ୍ଥିତିରେ ଏହା ଆୟୋଜିତ ହୋଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ଡିଭାଇନ ଟ୍ୟୁଟୋରିଆଲର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଛାତ୍ରୀ କ୍ରିଷ୍ଟା ସାହୁ। ସମ୍ମାନିତ ଅତିଥି ଓ ମୁଖ୍ୟ



ଆଲୋଚକ ଜ୍ଞାନ ସମୀକ୍ଷା ଆଲୋଚନା ଚକ୍ରରେ ନିଜର ଅଭିଭାଷଣରେ, କହିଥିଲେ ବାରମ୍ବାର ଉଦ୍ୟମ ହିଁ ଆଣି ଦେଇଥାଏ ସଫଳତାର ଚାବିକାଠି। ସମସ୍ତଙ୍କୁ ଧନ୍ୟବାଦ ଓ ଆଶୀର୍ବାଦ ଦେଇ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।

## ସରପଞ୍ଚ ପ୍ରତିନିଧିଙ୍କ ମାତୃ ବିୟୋଗ

**ଭୋଗରାଇ, ୧୬।୨(ସମିସ):** ଭୋଗରାଇ ବ୍ଲକ ପାଣିଷଣ୍ଡା ସରପଞ୍ଚ ପ୍ରତିନିଧିଙ୍କ ମାତା ସରସ୍ୱତୀ ଜେନାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ସମୟରେ ପୁଅ ଜୟନ୍ତ ଜେନା, ବିଦ୍ୟୁତ ଜେନା, ଡାକ୍ତର ସନ୍ତୋଷ ଜେନା, ପ୍ରଦୀପ ଜେନା କରୁଣା କର ଜେନା, ଝିଅ ଗୀତାରାଣୀ ଜେନା, ମମତାରାଣୀ ଦାସ,ବୋହୂ ଲକ୍ଷ୍ମୀ ପ୍ରିୟା ଜେନା, ଅନିତା ରାଣୀ ଜେନା, ରଶ୍ମିରେଖା ଜେନା, ସନ୍ଧ୍ୟା ରାଣୀ ଜେନା, ଜୟନ୍ତୀ ଜେନା ଉପସ୍ଥିତ ଥିଲେ। ସାନପୁଅ କରୁଣାକର ମୁଖାଗ୍ନି ଦେଇଥିଲେ।

## ଆରୁହା ଗ୍ରାମରେ ସମ୍ବର୍ଦ୍ଧନା ଉତ୍ସବ



**ଜଳେଶ୍ୱର ବ୍ଲକ,୧୬।୨ (ସମିସ):** ଜଳେଶ୍ୱର ବ୍ଲକ ଅଧିନ ଆରୁହା ଗ୍ରାମରେ ଥିବା ଶ୍ରୀ ଶ୍ରୀ ଇଶାଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ଶ୍ରୀ ଇଶାଣେଶ୍ୱର ମହାଦେବ ପରିଚାଳନା କମିଟି ପକ୍ଷରୁ ଆରୁହା ଗ୍ରାମ ପଞ୍ଚାୟତ ସହଯୋଗରେ ସମ୍ବର୍ଦ୍ଧନା ଉତ୍ସବ ସହିତ ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। ଗ୍ରାମ ମୁଖ୍ୟ ଦେବ କୁମାର ନନ୍ଦୀଙ୍କ ସଭାପତିତ୍ୱରେ ତହସିଲଦାର ସତ୍ୟଜିତ ମାହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ତହସିଲଦାର ଶ୍ରୀଯୁକ୍ତ ମହାନ୍ତିଙ୍କୁ ଗ୍ରାମର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିଲା ବେଳେ ସଂପାଦକ ପ୍ରସନ୍ନ କୁମାର ଦାସ ବାର୍ଷିକ ବୀବରଣୀ ପାଠ କରିଥିଲେ। ସତ୍ୟରଞ୍ଜନ ପତି ମହାଦେବଙ୍କ ସ୍ତୁତି ଗାନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ନନ୍ଦୀ, ଜନ୍ମେଜୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଗ୍ରାମର ଉପ ସଭାପତି ରାମକୃଷ୍ଣ ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବରିଷ୍ଠ କିରାଣୀ ତରଣୀ କୁମାର ଭୂୟାଁଙ୍କ ପରିଚାଳନାରେ "ମିଛ ସଂସାର' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ଗ୍ରାମର କୁନି କୁନି ପିଲା ମାନେ ନୃତ୍ୟ ପରିବେଷଣ କରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୋର,୧୬।୨(ସମିସ):** ସୋର ଥାନା ନଟାପଡା ପଞ୍ଚାୟତ ବାଲିପୁର ଗ୍ରାମର ଜଣେ ଯୁବକ ଗାଧୋଇବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ଏହି ଗ୍ରାମର ଶୁଭମ ମଲିକ(୧୮) ଆଜି ମଧ୍ୟାହ୍ନରେ ଘରୁ ବାହାରକୁ ଯାଇଥିବା ବେଳେ ଦୀର୍ଘସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବିଶାଗଡିଆ ନିକଟରେ ଥିବା ଏକ ପୋଖରୀ ନିକଟରେ ତାଙ୍କ ଲୁଗା ଦେଖି ପୋଖରୀରେ ଖୋଜାଖୋଜି କାରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନଶମ ବିଭାଗର କର୍ମଚାରୀ ମାନେ ସେଠାରେ ପହଞ୍ଚି ଦୀର୍ଘସମୟ ପର୍ଯ୍ୟନ୍ତ ପୋଖରୀରେ ଖୋଜାଖୋଜି କରିବା ପରେ ପୋଖରୀରୁ ଶୁଭମକୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧ ଗିରଫ

**ସୋର, ୧୬।୨(ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ସୋର ପୁଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାସୁଦେବପୁର ଥାନା ଜଗନ୍ନାଥପୁର ଗ୍ରାମର ସୁବାଷ ମଲିକ(୬୨) ତାଙ୍କ ଝିଅ ଘର ସୋର ଥାନା ଅଞ୍ଚଳକୁ ଆସିଥିଲେ। ସେଠାରେ ଜଣେ ନାବାଳିକାଙ୍କୁ ଏକୁଟିଆ ଦେଖି ସେ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ ଏ ବାବଦରେ ପରିବାର ଲୋକଙ୍କୁ କହିବା ପରେ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ସୁବାଷଙ୍କୁ ଥାନାରେ ଅଟକ ରଖିଥିଲେ। ଆଜି ମଧ୍ୟାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ତାଙ୍କୁ ବାଲେଶ୍ୱର ପୋକସୋ କୋର୍ଟକୁ ଚାଲାଣ କରିଛି।

## ଉତ୍ତରା ଜେମା ଦେବୀଙ୍କ ପରଲୋକ



**ନୀଳଗିରି, ୧୬।୨ (ସମିସ):** ନୀଳଗିରି ଏନ୍ଏସି ୨ନଂ ୱାର୍ଡ ଘାଟଘରସାହି ଧର୍ମପରାୟଣ ମହିଳା ତଥା ରମାନାଥ ବିରବରଙ୍କ ସ୍ତ୍ରୀ ଉତ୍ତରା ଜେମା ଦେବୀଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଛି। ଏକ ମାସ ପୂର୍ବରୁ ରକ୍ତହୀନତା ଯୋଗୁ ସେ ଚିକିତ୍ସିତ ହୋଇଆସୁଥିଲେ। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ମରଶରୀରକୁ ଘର ଘାଟଘରସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡ ପୁଅ ଚନ୍ଦ୍ରକାନ୍ତ ବିରବର ସହିତ ସାନପୁଅ ନିଶିକାନ୍ତ ବିରବର, ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରିର ପୂର୍ବତନ ବିଧାୟକ ଙ୍କ ସୁକାନ୍ତ ନାୟକ, ସୁରଞ୍ଜନ ମହାପାତ୍ର, ଶିଶିର ରାଉତ ସମେତ ନୀଳଗିରିର ବହୁ ବିଶିଷ୍ଟ ବ୍ୟକ୍ତି ଘାଟଘରସାହିସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ସାନପୁଅ ନିଶିକାନ୍ତ ମୁଖାଗ୍ନି ଦେଇଥିଲେ।

## ମନମୁଖୀ ଗିରଫଦାରୀ ବିରୋଧରେ ରାସ୍ତାରୋକ

**ଜଳେଶ୍ୱର, ୧୬।୨ (ସମିସ) :** ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ପଂଚାୟତର ଗରୁଡବସା ଗାଁ ଅନନ୍ତ ହେମ୍ବ୍ରମ(୫୦) ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ଶୁକ୍ରବାର ଦିନ ଅବକାରୀ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ତାଙ୍କ ନିକଟରୁ ୩ ଲିଟର ମଦ ଜବତ ହୋଇଥିବା ବେଳେ ୧୨୦ ଲିଟର ଦର୍ଶାଯାଇଥିବାରୁ ଏହା ବିରୋଧରେ ଆଜି ମଧ୍ୟାହ୍ନଠାରୁ ମାଝି ପାରଗାନାର କର୍ମୀମାନେ ରାଇବଣିଆ-ଖୁଆଡ ରାସ୍ତାର ଧାନଘେରା ବସଷ୍ଟାଣ୍ଡଠାରେ ରାସ୍ତାରୋକ କରିଛନ୍ତି। ଫଳରେ ଯାନବାହନ ଚଳାଚଳ ଠପ୍ ହୋଇ ଯାଇଛି। ରାଇବଣିଆ ଆଇଆଇସି ଚମ୍ପାବତୀ ସରେନ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଫେରିଥିବା ବେଳେ ସଂଧ୍ୟାରେ ଅବରୋଧ ହଟିଥିବା ଜଣାଯାଇଛି। ଏହି ଧାରଣାରେ ବିକ୍ରମ ଟୁଡୁ, ବୁଦ୍ଧିରାମ ମାଝି, ସମରାଇ ହାଁସଦା, ଚାନ୍ଦୁଲାଲ ହେମ୍ବ୍ରମ, ରାମଧୁନ ମାରାଣ୍ଡି ପ୍ରମୁଖ ବହୁ ଆଦିବାସୀ ସାମିଲ ହୋଇ ନାରାବାଜି ଦେଇଥିଲେ। ଏ ସମ୍ପର୍କରେ ଅବକାରୀ ସାଟେଲାଇଟ୍ ଇନିସ୍‌ପେକ୍ଟର ଲକ୍ଷେସାଧବ ପ୍ରଧାନଙ୍କୁ ପଚାରିବାରୁ ରାଇବଣିଆ ଅଂଚଳରୁ ଦେଶୀମଦ ଜବତ୍ ବେଳେ ଆଦିବାସୀମାନେ ସଂଘବଦ୍ଧଭାବେ ଆସାମୀ ଓ ମଦକୁ ଛଡାଇନେବାକୁ ଉଦ୍ୟତ କରିଥାନ୍ତି ବୋଲି କହିଥିଲେ।

ଧାନ କିଣାରେ ସମସ୍ୟା

# ଆଜି ରାସ୍ତାରେ ଧାନ ରଖି ଆନ୍ଦୋଳନ କରିବେ ଚାଷୀ

ଜଳେଶ୍ୱର ବ୍ଲକ, ୧୬।୨ (ସମିସ)



ଜଳେଶ୍ୱର ବ୍ଲକ ରାଜପୁର ପଞ୍ଚାୟତ ରେ ଥିବା ରାମନଗର ପାଟଣା ସେବା ସମବାୟ ସମିତି ଚାଷୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାରଠାରୁ ରାମନଗର ପାଟଣା ସେବା ସମବାୟ ସମିତି ସମ୍ମୁଖରେ ଥିବା ଜଳେଶ୍ୱର ସହର ପ୍ରବେଶ ପଥ ଓଟି ରୋଡରେ ଧାନ ବସ୍ତା ରଖି ଚାଷୀ କରିବେ ରାସ୍ତା ରୋକ। ଏ ନେଇ ପଞ୍ଚାୟତ ର ପ୍ରାକ୍ତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପରିଡ଼ାଙ୍କ ଆହ୍ୱାନରେ ଚାଷୀ କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରି ସୂଚନା ପ୍ରଦାନ କରିଥିଲେ।

ସରକାରଙ୍କ ନିୟମାନୁଯାୟୀ ଖରିଫ ଚାଷର ଧାନ ବିକ୍ରୟ ପାଇଁ ରାମନଗର ପାଟଣା ସେବା ସମବାୟ ସମିତି ରାଜପୁର ଆନୁକୂଲ୍ୟରେ ପଞ୍ଜିକୃତ ହୋଇ ସରକାରଙ୍କ ଖାଇଟି କଲ୍ୟାଣ ବିଭାଗ ତରଫରୁ ଟୋକନ୍ ପାଇ ଧାନ କ୍ରୟ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇଛି। ମାତ୍ର ଚାଷୀମାନଙ୍କ ଠାରୁ ଧାନ କ୍ରୟ ପାଇଁ ସରକାରଙ୍କ ତରଫରୁ ନିଯୁକ୍ତ ଧାନ ମିଲର ସଠିକ୍ ସମୟରେ ଧାନ ଉଠାଣ ନ କରିଥିବାରୁ ଋଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି। ଅଦ୍ୟାବଧି ୪୬୪ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ ହେଁ ମାତ୍ର ୯୭ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଅଛି ଏବଂ ଧାନ ଦେବାର ନିର୍ଦ୍ଦିଷ୍ଟ ଅର୍ଥ ଜମା ଖାତାରେ ପୈଠ ହୋଇନାହିଁ। ପରିଣାମ ସ୍ୱରୂପ ଶହଶହ ଋଷୀ ଘରେ ଧାନ ରଖି ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଜୀବନ କାଳାତିପାତ କରୁଛନ୍ତି। ଧାନ ମିଲର ଧାନ ଯଥା ସମୟରେ ନ ନେଉଥିବାରୁ ସରକାରଙ୍କ ନିଷ୍ପତ୍ତି ମୁତାବକ ଆଗାମୀ ମାର୍ଚ୍ଚ ୩୧ ତାରିଖ ଶେଷ ଦିବସ ଧାର୍ଯ୍ୟ ହୋଇଅଛି। ଏ ବାବଦରେ ବହୁବାର ପ୍ରଶାସନିକ ଅଧିକାରୀମାନଙ୍କୁ ଲିଖିତ ଭାବେ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏଣୁ ଉପସ୍ଥିତ ଋଷୀମାନେ ଘୋର୍ ଉଦବେଗ ପ୍ରକାଶ କରିବା ସହିତ ଟୋକନ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟରେ ଧାନ କ୍ରୟ କରି ଅର୍ଥ ପୈଠ କରି ନ ପାଇବା ହେତୁ ମଙ୍ଗଳବାର ଦିନ ରାମନଗର ପାଟଣା ସେବା ସମବାୟ ସମିତି, ରାଜପୁର କାର୍ଯ୍ୟାଳୟ ସମ୍ମୁଖରେ ଓ.ଟି ରୋଡ଼କୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଷୀମାନେ ଧାନ ବସ୍ତା ସହ ଅବରୋଧ କରିବାକୁ ବାଧ ହୋଇ ଏଭଳି କଠୋର ନିଷ୍ପତ୍ତି ନେଇଅଛୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, କଂଗ୍ରେସ ନେତା ସୁଦର୍ଶନ ଦାସ, ସିପିଏମ ନେତା ଦିଲ୍ଲୀପ କୁମାର ଗିରି, ସମାଜ ସେବୀ ମଧୁସୁଦନ ଦାସ, ବଜାର କମିଟିର ସଭାପତି ସୁଧୀର କୁମାର ମହାନ୍ତି, ସେବା ସମବାୟ ସମିତିର ସଭାପତି ଦୁର୍ଗାଶଙ୍କର ଭୂୟାଁ, ସେବା ସମବାୟ ସମିତିର ପୂର୍ବତନ ସଭାପତି ହରିଶ୍ଚନ୍ଦ୍ର ଭୂୟାଁ, ବିଜୟ କାମିଳା, ଗଣେଶ ଚନ୍ଦ୍ର ପାତ୍ର, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, କାଉନସିଲର ସୁରଜ ଚୌରାଶିଆ, ସେକ ଆବାସ ଅଲ୍ଲୀ,ଆନନ୍ଦ କର, କରୁଣା କର ଭୂୟାଁ ସମେତ ବହୁ ଚାଷୀ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀର ନିଜର ମତାମତ ରଖିଛନ୍ତି।

## ମହିଳାଙ୍କୁ ଗୁଣିଆର ଦୁଷ୍କର୍ମ ଅଭିଯୋଗ

**ଜଳେଶ୍ୱର, ୧୬।୨ (ସମିସ) :** ଜଣେ ନବବିବାହିତା ମହିଳାଙ୍କୁ ଜନୈକ ଗୁଣିଆ ଦୁଷ୍କର୍ମ କରିଥିବା ଜଣାଯାଇଛି। ଘଟଣାଟି ଜଳେଶ୍ୱର ଅଂଚଳରେ ଆଲୋଚ୍ୟର ବିଷୟ ହୋଇଥିବା ବେଳେ ପୀଡିତା ଜଣକ ପରିବାର ଲୋକଙ୍କ ସହିତ ଥାନାରେ ଅଭିଯୋଗ ଲାଗି ଆସି ଫେରିଯାଇଛନ୍ତି। ୨୧ବର୍ଷିୟ ଜଣେ ନବବିବାହିତା ମହିଳା ଶନିବାର ଦିନ ବଜାରଶୋଳ ଗାଁର ଜନୈକ ଗୁଣିଆ ନିକଟକୁ କେତେକ ସମସ୍ୟା ନେଇ ଆସିଥିଲେ। ଗୁଣିଆ ଜଣକ ତନ୍ତ୍ରସାଧନା ଲାଗି ତାଙ୍କୁ କୋଠରୀ ମଧ୍ୟରେ ଏକାକୀ ରଖି ଦୁଷ୍କର୍ମ କରିବା ପରେ ଛାଡି ଦେଇଥିଲେ। ମହିଳା ଜଣକ ଲଜ୍ଜା ଓ ଭୟରେ ସେଠାରେ କିଛି ନ କହି ଘରକୁ ଯାଇ ସ୍ୱାମୀ ନିକଟରେ କହିଥିଲେ। ଆଜି ପରିବାର ଲୋକେ ରାଇବଣିଆ ଥାନାକୁ ଅଭିଯୋଗ ନେଇ ଆସିଥିଲେ ମଧ ଘଟଣାଟି ଜଳେଶ୍ୱର ଥାନା ଅଧୀନରେ ଯାଉଥିବାରୁ ସେମାନେ ଫେରିଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଗୁଣିଆ ଜଣକ ପୂର୍ବରୁ ଅନ୍ୟଏକ ଘଟଣାରେ ଧରାପଡି ଥିଲା। ରାଇବଣିଆ ଅଂଚଳରେ ସଚେତନତା ଅଭାବରୁ ମହିଳାମାନେ ଏପରି ବିଭିନ୍ନ ଘଟଣାରେ ଶିକାର ହେଉଥିବା ଦେଖିବାକୁ ମିଳୁଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଭୋଗରାଇ, ୧୬।୨ (ସମିସ) :** ଜଳସହୋରିଆ ପଞ୍ଚାୟତର ସେହି ଗ୍ରାମର ନାରାୟଣ ଦତ୍ତଙ୍କ ଧର୍ମପତ୍ନୀ ମାଳତୀ ଦତ୍ତ ୭୦ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ସମୟରେ ପୁଅ ରାଜେଶ ଦତ୍ତ, ବୋହୂ ଆନନ୍ଦିତା ଦତ୍ତ, ଝିଅ ସରସ୍ୱତୀ ଦତ୍ତ, ଗୀତାଞ୍ଜଳି ନନ୍ଦୀ ବିଷ୍ଣୁପ୍ରିୟା ଦାଶ ମଧୁସ୍ମିତା ଦାସ, ନାତୁଣୀ ଅଂଶିତା ଦତ୍ତ ଉପସ୍ଥିତ ଥିଲେ। ତାଙ୍କର ମରଶରୀର ଗ୍ରାମର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକ ମାତ୍ର ପୁତ୍ର ରାଜେଶ ମୁଖା ଅଗ୍ନି ଦେଇଥିଲେ।

## ୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିଅନସିପ୍

# ୧୨ ପଦକ ଜିତିଲା ଟାଟା ଆର୍ଚେରୀ ସେଣ୍ଟର

କେନ୍ଦୁଝର,୧୬।୨(ସମିସ)

ସୁନ୍ଦରଗଡ଼ଠାରେ ୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିଅନସିପ୍-୨୦୨୬ରେ କେନ୍ଦୁଝରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର (ଓଟିଏପିଏଚ୍‌ସି) ବାଜି ମାରିଛି। ଉକ୍ତ କେନ୍ଦ୍ରର କ୍ୟାଡେଟ୍‌ମାନେ ଉତ୍ତମ ଖେଳ ପ୍ରଦର୍ଶନ କରି ପ୍ରତିଯୋଗିତାରେ ମୋଟ ୧୨ଟି ପଦକ ହାସଲ କରିଛନ୍ତି। ବର୍ଗରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରେଷ୍ଠ ତୀରନ୍ଦାଜମାନେ ଅଂଶଗ୍ରହଣ କରିଥିଲେ। ଦକ୍ଷତା ଏବଂ କଠିନ ପରିଶ୍ରମ ଯୋଗୁଁ ଓଟିଏପିଏଚ୍‌ସି କ୍ୟାଡେଟମାନେ ଏହି ସଫଳତା ପାଇପାରିଛନ୍ତି।

ରିକର୍ଭ ରାଉଣ୍ଡ (ସବଜୁନିୟର ବାଳିକା)ରେ ସାବିତ୍ରୀ ପାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସୁନିତା ନାୟକ ରୌପ୍ୟ ଏବଂ ଲିପସାମୟୀ ନାୟକ

### ୬ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତି କୀର୍ତ୍ତିମାନ ରଚିଲେ କ୍ୟାଡେଟ



ଏକାଡେମୀର କ୍ୟାଡେଟମାନେ ରିକର୍ଭ ଏବଂ କମ୍ପାଉଣ୍ଡ ବିଭାଗରେ ୬ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ଜିତି ସଫଳତା ହାସଲ କରିଛନ୍ତି।

ଫେବୃଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିଅନସିପରେ ସବଜୁନିୟର, ଜୁନିୟର ଏବଂ ସିନିୟର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରିକର୍ଭ ରାଉଣ୍ଡର ସିନିୟର ବାଳକ ବର୍ଗରେ ଅର୍ଜୁନ ଖରା ଚମତ୍କାର ଖେଳ ପ୍ରଦର୍ଶନ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

କମ୍ପାଉଣ୍ଡ ରାଉଣ୍ଡ ସବ୍ ଜୁନିୟର ଓ ଜୁନିୟର ବାଳିକା ବର୍ଗରେ ସ୍ୱପ୍ନାରାଣୀ ବେହେରା ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ବେଳେ ସୀତା ହେମ୍ବ୍ରମ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଏବଂ ଚନ୍ଦ୍ରିକା ମହାପାତ୍ର ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। କମ୍ପାଉଣ୍ଡ ରାଉଣ୍ଡ ଉଭୟ ଜୁନିୟର ଏବଂ ସବଜୁନିୟର ବାଳକ ବର୍ଗରେ ଦୈନେଶ୍ୱର ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ ଓଟିଏପିଏଚ୍‌ସି ରାଜ୍ୟର ପ୍ରତିଭାବାନ ତୀରନ୍ଦାଜମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ପ୍ରଶିକ୍ଷଣ ପ୍ରଦାନ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛି। ମାତ୍ର ୨୪ ଜଣ କ୍ୟାଡେଟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ଆଜି ତୃଣମୂଳସ୍ତରର ପ୍ରତିଭାଙ୍କୁ ପ୍ରଶିକ୍ଷଣ ଦେବା ସହ ଜାତୀୟ ଆନ୍ତର୍ଜାତୀୟସ୍ତରର ତୀରନ୍ଦାଜଙ୍କ ସୃଷ୍ଟି ପାଇଁ ସଫଳ ଉଦ୍ୟମ ଚଳାଇଛି। ଏହି ସଫଳତା ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପଦକ ଜିତିବା ପାଇଁ କ୍ୟାଡେଟମାନଙ୍କୁ ଅଧିକ ଉତ୍ସାହିତ କରିବ।

## ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି



ଯୋଡ଼ା, ୧୬।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଟାଟା କଲୋନୀ ସିଗିରିକେଶନ କ୍ୟାମ୍ପରୁ ଗତକାଲି ବିଳମ୍ବିତ ରାତିରେ ତିନିଟି ଫ୍ଲାଟରୁ କଟର୍‌ରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ଅନେକ ମୂଲ୍ୟବାନ ଜିନିଷ ଲୁଟ୍ ହୋଇଛି। ରାତି ପ୍ରାୟ ୧.୪୫ରୁ ୩ଟା ମଧ୍ୟରେ ୨ ଜଣ ଦୁର୍ବୃତ୍ତ ଘରେ ଅନୁପସ୍ଥିତିର ସୁଯୋଗ ନେଇ ଏହି ଲୁଟ୍‌ପାଟ କରିଥିବା ଅଭିଯୋଗ ହୋଇଛି। ଡି ବ୍ଲକ୍‌ରେ ଥିବା ଅରୁପ ମହାନ୍ତିଙ୍କ ୬ ନମ୍ବର ଫ୍ଲାଟ ଏବଂ କେ.ଗୋପାଲ ରେଡ୍ଡୀ, ଇ ବ୍ଲକରେ ଥିବା ଭାଗବତ ବଳଙ୍କ ଫ୍ଲାଟର ଲକର ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି। ଗୋପାଳ ରେଡ୍ଡୀଙ୍କ ଘରୁ ନଗଦ ୧୦ ହଜାର ଟଙ୍କା, ୩ଟି ସୁନାଚେନ, ମଙ୍ଗଳସୂତ୍ର, ୪ଟି କାନଫୁଲ ଏବଂ ରୁପା ପାଉଁଜି; ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୫ ଲକ୍ଷ ହେବ, ଚୋରି ହୋଇଥିବା ଥାନାରେ ଅଭିଯୋଗ ପରେ ପୁଲିସ, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଛାନଭିନ କରିଛନ୍ତି। କିଛି ଦିନ ହେବ ଯୋଡ଼ା ଖଣି ଅଞ୍ଚଳରେ ଚୋରି ଡକାୟତି ଘଟଣା ବାରମ୍ବାର ଘଟି ଚାଲିଛି। ଛୋଟବଡ଼ ଚୋରି ନିତିଦିନିଆ ଘଟଣା ହୋଇଯାଇଥିବା ବେଳେ ବଡ଼ ବଡ଼ ଡକାୟତି, ଚୋରି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ପୁଲିସ ପକ୍ଷରୁ ଭିଡ଼ ସ୍ଥାନରେ ସୁରକ୍ଷା ପାଇଁ ପୁଲିସ କର୍ମଚାରୀ ନିୟୋଜିତ ଥିଲେ ମଧ୍ୟ ଚୋର ଚୋରି କରିବାକୁ ବାଦ ପଡୁ ନ ଥିବା ଅଞ୍ଚଳରେ ଆଲୋଚନା ହେଉଛି। ତେବେ ଅଭିଯୋଗକୁ ଆଧାର କରି ଯୋଡ଼ା ପୁଲିସ ତଦନ୍ତ ଚଳାଇଥିବା ବେଳେ ଖୁବଶୀଘ୍ର ଚୋର ଧରାପଡ଼ିବେ ବୋଲି ଥାନାଧିକାରୀ ପ୍ରଶାନ୍ତ ସାମଲ ସୂଚନା ପ୍ରଦାନ କରିଛନ୍ତି।

### ସଚେତନ ହେଉନାହାନ୍ତି ଜନସାଧାରଣ

## ରାସ୍ତା କଡ଼ରେ ମନୁଷ୍ୟକୃତ ବନାଗ୍ନି



ରାଇରଙ୍ଗପୁର,୧୬।୨(ସମିସ): ବନାଗ୍ନିକୁ ନେଇ ରାଇରଙ୍ଗପୁର ବନଖଣ୍ଡ ପକ୍ଷରୁ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ ହେଉଛି। ଏହାପରେ ମଧ୍ୟ ଜନସଚେତନତା ଦେଖିବାକୁ ମିଳୁନାହିଁ। ରାସ୍ତା କଡ଼ରେ ଥିବା ଗଛରେ ନିଆଁ ଲଗାଇ ମନୁଷ୍ୟକୃତ ବନାଗ୍ନି ସ୍ଥିତି ସୃଷ୍ଟି କରିଛନ୍ତି। ଏଭଳି ଚିତ୍ର ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ହଳଦା ଅଞ୍ଚଳର ଡାହାଣୀମାରି ଗ୍ରାମ ନିକଟରେ ଦେଖିବାକୁ ମିଳିଛି। ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛରେ ଦୁର୍ବୃତ୍ତମାନେ ଅଗ୍ନି ସଂଯୋଗ କରିଥିବାବେଳେ ତାହା ବ୍ୟାପିବାରେ ଲାଗିଥିବାବେଳେ ସବୁ ଜଳି ନଷ୍ଟ ହୋଇଛି।

ବନାଗ୍ନି ଦାଉରୁ କିପରି ଜଙ୍ଗଲକୁ ସୁରକ୍ଷା ପ୍ରଦାନ ହେବ, ସେନେଇ ବନ ବିଭାଗ ଅଣ୍ଟା ଭିଡ଼ିଥିବାବେଳେ ନିୟମିତ ବ୍ୟବଧାନରେ ଜନସଚେତନତା କରାଯାଉଛି। ଜଙ୍ଗଲ ସୁରକ୍ଷା ନେଇ ଗ୍ରାମବାସୀଙ୍କ ମଧ୍ୟରେ ବନାଗ୍ନି ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ, ନୃତ୍ୟ, ଜନଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହେଉଛି। କିନ୍ତୁ ଲୋକେ ସଚେତନତା ଅଭାବରୁ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ବଦଳରେ ଜନସାଧାରଣ ବନାଗ୍ନି ସ୍ଥିତି ସୃଷ୍ଟି କରିବାରେ ସହାୟକ ହେଉଛନ୍ତି। ଚଳିତ ବନାଗ୍ନି ସିଜିନ ଆରମ୍ଭ ପୂର୍ବରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକ ଏହା ଦେଖିବା ପରେ ବାଲ୍‌ଟି ଓ ଗରାରେ ପାଣି ଆଣି ବନାଗ୍ନି ରୋକି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ।

## ନ୍ୟାୟ ପାଇଁ ଦ୍ୱିତୀୟଥର ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଯୁବକ

କରଞ୍ଜିଆ,୧୬।୨(ସମିସ): ଚୋରି ହୋଇଥିବା ନେଇ ଥାନାରେ ଏତଲା ଦେବାକୁ ଯାଇଥିବା ଆଦିବାସୀ ଯୁବକଙ୍କୁ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧିକାରିଣୀ ସଂଯୁକ୍ତା ମହାଲିକଙ୍କ ଦୁର୍ବ୍ୟବହାର ଓ ଧମକ ଦେଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ନେଇ ଆଦିବାସୀ ଯୁବକ ପୁନର୍ବାର ନ୍ୟାୟ ପାଇଁ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଯଶିପୁର ଥାନା ବାଟପାଣ୍ଡଗଣ୍ଡି ଗ୍ରାମର ଆଦିବାସୀ ଯୁବକ ରଞ୍ଜନ କୁମାର ନାଏକ, ଗିଧିବାସ ଛକରେ ଥିବା ତାଙ୍କ ଗ୍ୟାରେଜରେ ଚୋରି ହୋଇଥିବା ଅଭିଯୋଗ ନେଇ ଯଶିପୁର ଥାନାକୁ ଏତଲା ଦେବା ନିମନ୍ତେ ଯାଇଥିଲେ। ସେଠାରେ ଥାନା ଅଧିକାରିଣୀ ତାଙ୍କ ଏତଲା ଗ୍ରହଣ ନ କରି ତାଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳି କରିଥିଲେ। କୌଣସି ତଦନ୍ତ ମଧ୍ୟ କରି ନ ଥିଲେ। ଫଳରେ ଆଜି ପାଞ୍ଚପିଢ ଉପଖଣ୍ଡ କରଞ୍ଜିଆଠାରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ଠାରେ ନ୍ୟାୟ ନିମନ୍ତେ ଦ୍ୱିତୀୟ ଥର ରଞ୍ଜନ ଲିଖିତ ଅଭିଯୋଗ କରିଛନ୍ତି। ଏସପି ବରୁଣ ଘଟଣାକୁ ଗୁରୁତର ସହ ତଦନ୍ତ କରି ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦୀର୍ଘ ଏକମାସ ପରେ ମଧ୍ୟ ନିଜ ଅପମାନ, ଲାଞ୍ଛନାର ନ୍ୟାୟ ନ ପାଇ ରଞ୍ଜନ ପୁନର୍ବାର ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିବା ସହ ନ୍ୟାୟ ନପାଇଲେ ସେ ନିଜ ପରିବାର ସହ କୋଠର ପନ୍ଥା ଆପଣେଇବେ ବୋଲି ସୂଚନା ଦେଇଛନ୍ତି। ସେ ରାଜ୍ୟ ବାଥୁଡି ସମାଜର ସହାୟତା ଲୋଡ଼ିଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଥୁଡି ସମାଜ ତଥା ଅଠରଦେଉଳ ପରିଚାଳନା ସମିତି ଉପସଭାପତି ରଣଜିତ ସଂଖିଆଳଙ୍କୁ ପଚାରି ବୁଝିବାରୁ ବାଥୁଡି ସମାଜର ପ୍ରତିନିଧି ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଜଣାଇସାରିଛନ୍ତି। ଆସନ୍ତା ଶୁକ୍ରବାର ଅଠରଦେଉଳ ପରିଚାଳନା ସମିତି ବୈଠକରେ ଏହି ବିଷୟ ଆଲୋଚନା ହେବା ସହିତ ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ରଞ୍ଜନ ନାଏକଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଦାବି କରାଯିବ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମେ ଚୁପ ବସିବୁ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଉଦଳା, ୧୬।୨(ସମିସ): ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆତ୍ମସୁରକ୍ଷା କ୍ଲବର ଚେୟାରମ୍ୟାନ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରୀଙ୍କ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମାଷ୍ଟର ଟ୍ରେନର ସୁଶ୍ରୀ ଶୁଭମ ନାୟକ ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ଛାତ୍ରୀ ଆତ୍ମସୁରକ୍ଷା ତାଲିମର ସଂଯୋଜିକା ଶୁଭଶ୍ରୀ ବେହେରା ୮ ଦିନ ଧରି ତାଲିମ ଶିବିର ସମ୍ପର୍କରେ ନିଜର ଅଭିମତ ପୋଷଣ କରିବା ସହିତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକ ସମୀର କୁମାର ନାୟକ, ସୁବାସ କୁମାର ନାୟକ, ଅରବିନ୍ଦ ସେଠୀ, ବିପିନ ବିହାରୀ ସିଂ ଓ ଅଧ୍ୟାପିକା ଭାରତୀ ଗିରି, ଜ୍ୟୋତିଷା ମାଝୀ, ଡ. ସୁଚେତା ମହାପାତ୍ର, ଗୀତିକା ଜେନା, ସୁଚିତ୍ରା ମହାପାତ୍ର ଛାତ୍ରୀଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ଓ ସାମାଜିକ ପ୍ରଭାବ ସମ୍ପର୍କରେ ମତ ପୋଷଣ କରିଥିଲେ। ଆତ୍ମସୁରକ୍ଷା ତାଲିମ କ୍ଲବର ଅନ୍ୟତମ ସଦସ୍ୟ ତଥା କ୍ରୀଡ଼ା ଶିକ୍ଷକ ସମ୍ୟକ ସୌରଭ ଗାହାଣ ଆତ୍ମସୁରକ୍ଷା ତାଲିମ ସମ୍ପର୍କରେ ନିଜର ଅଭିମତ ରଖିଥିଲେ। ଶେଷରେ ଅଧ୍ୟାପକ ବଳରାମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିବା ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବେତନଟୀ ମୁଖ୍ୟ ବଜାର ରାସ୍ତା ଶୋଚନୀୟ

ବେତନଟୀ,୧୬।୨(ସମିସ): ବେତନଟୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୮ ନଂ ଜାତୀୟ ରାଜପଥ ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତା ବେତନଟୀର ମୁଖ୍ୟ ବଜାର ମଧ୍ୟଦେଇ ଯାଇଛି। ଏହି ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଉକ୍ତ ବ୍ୟସ୍ତବହୁଳ ରାସ୍ତାରେ ହମ୍ପ୍‌ସ ନ ଥିବାରୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଉକ୍ତ ରାସ୍ତାର ଚଣ୍ଡୀ ଛକରେ ମନ୍ଦିର ଓ ମଧୁସୂଦନ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତି ରହିଛି। ସେଠାରୁ ଥାନା, ସବ୍‌ଟ୍ରେଜେରୀ, ଅବକାରୀ ବିଭାଗ, ଜଙ୍ଗଲ ବିଭାଗ, ସବ୍ ରେଜିଷ୍ଟ୍ରାର, ତହସିଲ ସମେତ ଏକ ବ୍ୟାଙ୍କ ଶାଖା ଓ କଚେରୀ ହୋଇ ମୁଖ୍ୟ ରାସ୍ତା ଅଛି। ସେହିଭଳି ଚଣ୍ଡି ଛକରୁ ବଡ଼ସାହିକୁ ରାସ୍ତା ଲମ୍ବିଯିବା ସହ ମଝିରେ ଆନନ୍ଦବଜାର ରହିଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ, ୪ଟି ବ୍ୟାଙ୍କ, ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହ ବଜାରର ଘରୋଇ ଓ ସରକାରୀ ଦୁଇଟି ବସ୍‌ଷ୍ଟାଣ୍ଡ, ଗୋଟିଏ ବିବାହ ମଣ୍ଡପ, ପରିବା ମାର୍କେଟ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କାର୍ଯ୍ୟାଳୟ ଭଳି ଅନେକ ଅନୁଷ୍ଠାନ ରହିଛି। ରାସ୍ତାର ମଝିରେ ଡିଭାଇଡର ନାହିଁ କି ଗତିରୋଧକ ହାମ୍ପସ ନାହିଁ। ଏପରିକି ପୂର୍ତ୍ତ ବିଭାଗ, ଯାନବାହାନର ବେଗ ନିୟନ୍ତ୍ରକ ସାଇନବୋର୍ଡ଼ ଲଗାଯାଇନାହିଁ। ଚଣ୍ଡୀ ଛକରେ ଅବଶ୍ୟ ଜଣେ ହୋମଗାର୍ଡ ଦୀର୍ଘ ବର୍ଷ ଧରି ଡ୍ୟୁଟି କରୁଛନ୍ତି। କିନ୍ତୁ ଅମାନିଆ ବାଇକ୍ ଚାଳକ ଉତ୍ତମ ରାସ୍ତା ଦେଖି ଦୋକାନ ବଜାର ଜନସମାଗମକୁ ଭ୍ରୂକ୍ଷେପ ନ କରି ଦ୍ରୁତଗତିରେ ଗାଡି ଚାଳନା କରି ପ୍ରାୟତଃ ଯା'ଆସ କରୁଛନ୍ତି। ବିଶେଷକରି ଉଚ୍ଚ ବିଦ୍ୟାଳୟଟି ଏହି ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଫଳତଃ ଧନଜୀବନ କ୍ଷତି ହେବା ଆଶଙ୍କା ସୃଷ୍ଟି ହେଉଛି। ସିଭିଲ ସୋସାଇଟି ପକ୍ଷରୁ ଏହାର ପ୍ରତିକାର ଦାବି କରାଯାଇଛି। ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଓ ବେତନଟୀ ଥାନା ଅଧିକାରିଣୀଙ୍କ ସମେତ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ପେଡ଼ାଗଡ଼ି ରେଡ୍ ଟେନିସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଉଦଳା/କପ୍ତିପଦା,୧୬।୨(ସମିସ): କପ୍ତିପଦା ଉପଖଣ୍ଡ ପେଡ଼ାଗଡିରେ ଚାଲିଥିବା ତିନିଦିନିଆ ରେଡ୍ ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଆଜି ଫାଇନାଲ ମ୍ୟାଚ୍ ସୋଲଗୋଡ଼ିଆ କ୍ରିକେଟ ଟିମ ଓ ନ୍ୟୁ ଷ୍ଟାର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ସୋଲଗୋଡ଼ିଆ ଟିମ ୧୫ ଓଭରରେ ୧୬୨ ରନ ସଂଗ୍ରହ କରିଥିବାବେଳେ ନ୍ୟୁ ଷ୍ଟାର ଇଲେଭେନ ଟିମ ୧୪.୩ ଓଭରରେ ୧୬୪ ରନ କରି ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ନ୍ୟୁ ଷ୍ଟାର ଇଲେଭେନର କ୍ୟାପଟେନ ଆୟୁଷ କୁମାର ଦାସ ୩୩ ବଲରେ ୮୨ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ। ସୋଲଗୋଡ଼ିଆ ଟିମର କ୍ୟାପଟେନ ସଂଜୀବ କୁମାର ବିଶ୍ୱାଳ ପ୍ଲେୟାର ଅଫ ଦି ସିରିଜ୍ ପୁରସ୍କୃତ ଜିତିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଡାକୁଆ ଓ ଉଦଳା ନିର୍ବାଚନମଣ୍ଡଳୀର ଯୁବ ନେତା ତଥା ସମାଜସେବୀ କଲ୍ଲୋଳ ସିଂ ଯୋଗଦେଇ ବିଜେତା ଓ ଉପବିଜେତା ଟିମକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଜ୍ୟୋତିଶଙ୍କର ରାଉତ, ଅନ୍ତର୍ଯ୍ୟାମୀ ନାୟକ, ଦିବ୍ୟରଞ୍ଜନ ଦଳେଇ, ସବ୍ୟସାଚୀ ଦାସ, ସମ୍ବିତ ମୁଦୁଲି, ଶ୍ରୀନିବାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ମା' ଦ୍ୱାରଶୁଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବାଉଁଶକିଆକୁ ହରାଇ ଫୁଟକିଶୋଳ ଚାମ୍ପିଅନ୍



ମୋରଡା,୧୬।୨(ସମିସ): ମୋରଡା ବ୍ଲକ ଅନ୍ତର୍ଗତ କାନ୍ଦଣା ଗ୍ରାମରେ ଲକି କ୍ଲବ ଆନୁକୂଲ୍ୟରେ ମା' ଦ୍ୱାରଶୁଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। କ୍ଲବ୍‌ର ସଭାପତି ଦୀପକ କୁମାର ଧଳଙ୍କ ନେତୃତ୍ୱରେ ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚାନ୍ଦୁଆ, ବଡସାହି, ଶୁଳିଆପଦା, ମୋରଡା ବ୍ଲକରୁ ଚାନ୍ଦୁଆ, ପ୍ରତାପପୁର, ଦେଉଳି, ଭାଲିଆ(କ), ଭାଲିଆ(ଖ), ଖେରଣା, ପାରିଆକୁଲି, ନୂହାମାଳିଆ, ଫୁଟକିଶୋଳ, ଧାତିକା, କାନ୍ଦଣା, ହାତିମଡା, ଖୁାପାଳ, ବାଉଁଶକିଆ, ସିଙ୍ଗଡା, ବଡମୁଣ୍ଡାବଣି ଗ୍ରାମର ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଫୁଟକିଶୋଳ ଦଳ ୧୪ ରନରେ ବାଉଁଶକିଆ ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଫୁଟକିଶୋଳ ଦଳର ମନୋଜ ସି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଫୁଟକିଶୋଳ କ୍ରିକେଟ ଦଳର ଅଧିନାୟକ ସଞ୍ଜୀବ ବଡନାୟକଙ୍କୁ ୯ ହଜାର ଟଙ୍କା ସହ ଚାମ୍ପିଅନ୍ସ ଟ୍ରଫି ଏବଂ ବାଉଁଶକିଆ କ୍ରିକେଟ ଦଳ ଅଧିନାୟକ ରାକେଶ ପାଟବନ୍ଧାଙ୍କୁ ୭ ହଜାର ଟଙ୍କା ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା।

ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ଗଣେଶ୍ୱର ଭୋଇ, ଅତିଥି ଭାବେ ମହେନ୍ଦ୍ର ନାଥ ସି ଓ ମେଘନାଦ ସି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ଷୀରୋଦ ତୁଙ୍ଗ, ରୋହିତ ନାୟକ, କୁମାର ରୂପଭାନୁ ତୁଙ୍ଗ, ସୌମ୍ୟରଂଜନ ସି, ଚିନ୍ମୟ ପ୍ରମୁଖ ପରିଚାଳନା କରିଥିଲେ।

## କୁଶରଞ୍ଜନ ସ୍ମାରକୀ ଫୁଟ୍‌ବଲ: ମିଶନ ଟାଇଗର ବାଲେଶ୍ୱର ଚାମ୍ପିଅନ

ଆନନ୍ଦପୁର, ୧୬।୨(ସମିସ): ଆନନ୍ଦପୁର ଷ୍ଟାଡିଅମ ପଡ଼ିଆଠାରେ ଚାଲିଥିବା କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱର ଓ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିଥିବା ବେଳେ ମ୍ୟାଚ ଅମୀମାଂସିତ ରହିଥିଲା। ପେନାଲଟି ସୁଟଆଉଟରେ ମିଶନ ଟାଇଗର ବାଲେଶ୍ୱର ଗଣ୍ଡରପୁରକୁ ପରାସ୍ତ କରି ବିଜୟୀ ହେବା ସହ ଚଳିତ ବର୍ଷ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ରେଫରୀ ଭାବେ ଧନେଶ୍ୱର ସର୍ଦ୍ଦାର, ଆଲୋକ ଦେହୁରୀ, ଚନ୍ଦନ ସାହୁ, ଆୟୁଷକାନ୍ତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ମଦନ ପାଣି ଧାରା ବିବରଣୀ ଦେଇଥିଲେ। ଆନନ୍ଦପୁର କ୍ରୀଡା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଭାରଞ୍ଜନ ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଯୋଜକ ଅସିତ ମଲ୍ଲିକଙ୍କ ସମେତ ବହୁ ବ୍ୟକ୍ତି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନିରାକାର ଦଳେଇ, ବିନୋଦ ବିହାରୀ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ସିଂ, ସହସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ରମେଶଚନ୍ଦ୍ର ସିଂଙ୍କ ସମେତ କ୍ରୀଡା ସଂସଦ ସଦସ୍ୟ ଗଗନ ସିଂ, ମୁରଲୀଧର ମିଶ୍ର, ହାଡିବନ୍ଧୁ ଖୁଣ୍ଟିଆ, ବାଇଧର ସେଠୀ, ସନ୍ତୋଷ କୁମାର ଜେନା ବିରଜା ପ୍ରସାଦ ନାୟକ, ଆଦିକନ୍ଦ, ମହାକୁଡ଼ ତପନ ନାୟକ ଅଜୟ କୁମାର ସେଠୀ, ଅଖିଳ ପଟ୍ଟନାୟକ ସହଯୋଗ କରିଥିଲେ। ହଜାର ହଜାର ସଂଖ୍ୟାରେ କ୍ରୀଡ଼ାପ୍ରେମୀ ଖେଳ ଉପଭୋଗ କରୁଥିଲେ।



# ମନମାନିରେ ଚାଲିଛି କଣ୍ଟିପାଳ ମହାବିଦ୍ୟାଳୟ

ଆନନ୍ଦପୁର, ୧୬।୨ (ସମିସ)

- ୧୭ ବର୍ଷ ଧରି ହୋଇନି ସରକାରୀ ଅଡିଟ୍
- ଅନିୟମିତତାକୁ ନେଇ ଅସନ୍ତୋଷ



ଆନନ୍ଦପୁର ବ୍ଲକର କଣ୍ଟିପାଳ ମହାବିଦ୍ୟାଳୟରେ ବିଭିନ୍ନ ପ୍ରକାର ଅନିୟମିତତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମହାବିଦ୍ୟାଳୟର ବାର୍ଷିକ ଆୟବ୍ୟୟ ନିୟମିତ ହେଉ ନଥିବା ବେଳେ ଏହାର ବାର୍ଷିକ ହିସାବ ଦୀର୍ଘ ୧୭ ବର୍ଷ ଧରି ଶିକ୍ଷାବିଭାଗକୁ ଦିଆହଯାଇ ନଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ଅଡିଟ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ମିଳିଥିବା ସୂଚନାନୁଯାୟୀ, ୧୯୮୯ରେ ସ୍ଥାନୀୟ ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ମହାବିଦ୍ୟାଳୟ ୧୯୯୧ରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ଲାଭ କରିଥିଲା। ଏହି ଯୁକ୍ତ ଦୁଇ ମହାବିଦ୍ୟାଳୟରେ ୨୫୬ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ସୁଯୋଗ ଦିଆଯାଇଥିବା ବେଳେ ଆବଶ୍ୟକ ଶିକ୍ଷକ ଓ ଅଣଶିକ୍ଷକମାନଙ୍କ ନିଯୁକ୍ତିକୁ ରାଜ୍ୟ ସରକାର ନିୟମିତ କରିଥିଲେ। ତେବେ ୨୦୦୨ ପୂର୍ବରୁ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ନିୟମିତ କରିବାକୁ ଘୋଷଣା କରିବାରୁ କେତେଜଣ କର୍ମଚାରୀଙ୍କ ନିଯୁକ୍ତିକୁ ଜାଲିଆତି କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ୨୦୦୨ ପରେ ରହିଥିବା କର୍ମଚାରୀମାନଙ୍କୁ ୨୦୦୨ ପୂର୍ବରୁ ଦର୍ଶାଇ ଦିଆଯାଇଥିବା ନିଯୁକ୍ତି ଜାଲିଆତି ଘଟଣା ତଦନ୍ତ ସାପେକ୍ଷ। ୧୯୮୯ ମସିହାଠାରୁ ଆଜି ପର୍ଯ୍ୟନ୍ତ ଏହି ମହାବିଦ୍ୟାଳୟର ଆର୍ଥିକ କାରବାର ଓ ଆୟବ୍ୟୟର ବିବରଣୀ ଶିକ୍ଷା ବିଭାଗକୁ ଦିଆଯାଉ ନଥିବା ବେଳେ ସରକାରୀ ଅଡିଟ କରାଯିବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କେବେ ବି ଯୋଗସୂତ୍ର ସ୍ଥାପନ କରିନଥିବା ଚିନ୍ତାର କାରଣ ହୋଇଛି। ଏଣୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ କଣ୍ଟିପାଳ ମହାବିଦ୍ୟାଳୟର ଆର୍ଥିକ ଅନିୟମିତତା ଓ ନିଯୁକ୍ତିରେ ଜାଲିଆତି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

